
୨୮ ସେପ୍ଟେମ୍ବର -୪ ଅକ୍ଟୋବର , ୨୦୨୫

ସକାଳ THE SAKALA

# ରବିବାର ସିନ୍ଦୁରା

- ପିତୃପକ୍ଷ ଶ୍ରାଦ୍ଧ ଓ ପଞ୍ଚବଳି
- ଆଧ୍ୟାତ୍ମିକ ଓ ବୈଜ୍ଞାନିକ ସୌରଭ: ପିତୃପକ୍ଷ
- ଭାରତୀୟ ସଂସ୍କୃତିରେ ପିତୃପକ୍ଷ
- ପିତୃପକ୍ଷ ତର୍ପଣ କାହିଁକି ଓ କାହା ପାଇଁ
- ପିତୃପକ୍ଷ: କ'ଣ କରିବା ଉଚିତ ଓ ଅନୁଚିତ



## ପିତୃପକ୍ଷ

### ପିତୃପୁରୁଷଙ୍କ ଋଣ ପରିଶୋଧ



ଭାରତୀୟ ସଂସ୍କୃତି ଓ ପରମ୍ପରାରେ ପିତୃପକ୍ଷ ବେଶ୍ ମହତ୍ତ୍ୱପୂର୍ଣ୍ଣ । ବେଦ, ପୁରାଣରେ ମଧ୍ୟ ଏ ସଂପର୍କରେ ବର୍ଣ୍ଣନା କରାଯାଇଛି । ଏହାକୁ ନେଇ ରହିଛି କେତେକ ପୌରାଣିକ କାହାଣୀ ଓ କିମ୍ବଦନ୍ତୀ । ପୂର୍ବଜଙ୍କୁ ସମର୍ପିତ ପିତୃପକ୍ଷ । ପିତୃପୁରୁଷଙ୍କ ପିଣ୍ଡଦାନ ଓ ତର୍ପଣ କରିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ । ପିତୃପକ୍ଷକୁ ଶ୍ରାଦ୍ଧ ପକ୍ଷ ମଧ୍ୟ କୁହାଯାଏ । ପୂର୍ବ ପୁରୁଷଙ୍କ ଆତ୍ମାର ଶାନ୍ତି ପାଇଁ ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ କରାଯାଏ । ଏହା ହେଉଛି ନିଜ ପୂର୍ବପୁରୁଷଙ୍କ ଆତ୍ମାର ମୁକ୍ତି ଓ ସମ୍ମାନ ପ୍ରଦର୍ଶନର ସମୟ । ଏହି ସମୟରେ ପିତୃପୁରୁଷମାନେ ସ୍ୱର୍ଗଲୋକରୁ ପୃଥିବୀପୃଷ୍ଠକୁ ଓହ୍ଲାଇ ପରିବାର ଲୋକଙ୍କୁ ଆଶୀର୍ବାଦ ପ୍ରଦାନ କରିଥାନ୍ତି ବୋଲି ଗଭୀର ବିଶ୍ୱାସ ରହିଛି । ଏହି ସମୟରେ ଶ୍ରାଦ୍ଧ ଓ ତର୍ପଣ କଲେ ପିତୃପୁରୁଷମାନେ ମୋକ୍ଷ ପ୍ରାପ୍ତ ହୋଇଥାନ୍ତି । ତେବେ ପିତୃପକ୍ଷ ଅବସରରେ ଦାନପୁଣ୍ୟ ଓ ତର୍ପଣ କରିବା ଦ୍ୱାରା ପରିବାରରେ ସୁଖ, ସମୃଦ୍ଧି ହୋଇଥାଏ । ସବୁ ସମସ୍ୟା ଓ ଦୁଃଖକଷ୍ଟ ଦୂର ହୋଇଥାଏ । ଧାର୍ମିକ ମତାନୁସାରେ ଏହି ସମୟରେ ଶ୍ରାଦ୍ଧ ଦେବା ଫଳରେ ପିତୃଦୋଷରୁ ମୁକ୍ତି ମିଳିଥାଏ । ପିତୃପୁରୁଷମାନଙ୍କୁ ଶ୍ରାଦ୍ଧ ଦେବା ସଂପର୍କରେ କେତେକ ନୀତି ନିୟମ ରହିଛି । ପିତୃପକ୍ଷ ସମୟରେ ଘରେ ସାତ୍ତ୍ୱିକ ଭୋଜନ ପ୍ରସ୍ତୁତ କରିବା ଆବଶ୍ୟକ । ରସୁଣ, ପିଆଜ ଓ ଆମିଷ ଖାଇବା ଅନୁଚିତ । ଘର ଓ ମନ ଉଭୟ ସ୍ୱଚ୍ଛ ଓ ପବିତ୍ର ରହିବା ଦରକାର । ଫଳରେ ପିତୃପୁରୁଷମାନଙ୍କ ଆଶୀର୍ବାଦରୁ ପୁଣ୍ୟ ମିଳିଥାଏ । ଏହି ପରିପ୍ରେକ୍ଷୀରେ ପିତୃପକ୍ଷ କ'ଣ? ଶ୍ରାଦ୍ଧ ଓ ତର୍ପଣର ଆବଶ୍ୟକତା, ଶ୍ରାଦ୍ଧର ନୀତିନିୟମ ଆଦି ବିଭିନ୍ନ ଦିଗକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା :

# ପିତୃପକ୍ଷ : ପିତୃପୁରୁଷଙ୍କ ଋଣ ପରିଶୋଧ

ପ୍ରସ୍ତୁତି : 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମବାରରେ କର୍ମକ୍ଷେତ୍ରରେ ସମୟ ପୂର୍ବରୁ କାର୍ଯ୍ୟ ସଂପନ୍ନ କରି ପ୍ରଶଂସାର ପାତ୍ର ହେବେ । ଶତ୍ରୁମାନଙ୍କର କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି । ମଙ୍ଗଳ, ବୁଧବାରରେ ବ୍ୟବସାୟରେ ଲାଭବାନ ହେବେ । ଗୁରୁ, ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବେ ।

**ବୃଷ**
ରବି, ସୋମବାରରେ ବିଭିନ୍ନ ପ୍ରକାର ବାଧାବିଘ୍ନ ସତ୍ତ୍ୱେ ଆଗକୁ ବଢ଼ି ଚାଲିବେ । କ୍ୟାରିୟରରେ ଉନ୍ନତି ପରିଲକ୍ଷିତ ହେବ । ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ଦାୟିତ୍ୱଭାର ବଢ଼ିବ । ଗୁରୁ, ଶୁକ୍ର, ଶନିବାରରେ ମହିଳାମାନେ ସମାଲୋଚନାର ଶିକାର ହୋଇପାରନ୍ତି ।

**ମିଥୁନ**
ରବି, ସୋମବାରରେ ଗୁରୁଜନଙ୍କ ପରାମର୍ଶ କ୍ରମେ କାର୍ଯ୍ୟ କରନ୍ତୁ । ଶାରୀରିକ ଅସୁସ୍ଥତା ଦେଖାଦେଇପାରେ । ମଙ୍ଗଳ, ବୁଧବାରରେ କୋର୍ଟକଚେରୀ ମାମଲାରେ ପଡ଼ିଯାଇ ପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ପରିବାରରେ ବିଶୃଙ୍ଖଳା ସୃଷ୍ଟି ହୋଇପାରେ । ସନ୍ତାନ ପାଇଁ ଚିନ୍ତା ଲାଗିରହିବ ।

**କର୍କଟ**
ରବି, ସୋମବାରରେ ପରିବାରରେ ସୁଖଶାନ୍ତି ବୃଦ୍ଧିପାଇବ । ମଙ୍ଗଳ, ବୁଧବାରରେ ଭୂମିକ୍ରୟ ବା ଘର କିଣି ପାରନ୍ତି । ଅର୍ଥପ୍ରାପ୍ତିର ସୁଯୋଗ ରହିଛି । ଗୁରୁ, ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ମହିଳାମାନେ ଉଚ୍ଚ ଆଶା କରି କଷ୍ଟ ପାଇପାରନ୍ତି ।

**ସିଂହ**
ରବି, ସୋମବାରରେ ନୂତନ ଯୋଜନା କାର୍ଯ୍ୟକାରୀ ହେବ । ପରିବାର ମଧ୍ୟରେ ଛୋଟ ଛୋଟ କଥାକୁ ନେଇ ଭୁଲ୍ ବୁଝାମଣା ଦେଖାଦେଇପାରେ । ମଙ୍ଗଳ, ବୁଧବାରରେ ପୁରୁଣା କଥାକୁ ନେଇ ଚିନ୍ତିତ ରହିବେ । ଗୁରୁ, ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀ ସୃଜନଶୀଳତାର ପରିଚୟ ଦେବେ ।

**କନ୍ୟା**
ରବି, ସୋମବାରରେ କୌଣସି କଥାକୁ ନେଇ ମନରେ ଭୟ ଏବଂ ଦୁଶ୍ଚିନ୍ତା ଲାଗି ରହିବ । ମଙ୍ଗଳ, ବୁଧବାରରେ ବିଭିନ୍ନ କ୍ଷେତ୍ରରୁ ଅର୍ଥପ୍ରାପ୍ତି ହୋଇପାରେ । ଗୁରୁ, ଶୁକ୍ର, ଶନିବାରରେ ଦରକାରୀ କାଗଜପତ୍ର ଦାୟିତ୍ୱର ସହ ରଖନ୍ତୁ । ଛାତ୍ରଛାତ୍ରୀ ଲେଖାପଢ଼ାରେ ଆଗୁଆ ରହିବେ ।

**ତୁଳା**
ରବି, ସୋମବାରରେ ଆଶାନୁସାରେ ଫଳ ପାଇବେ ନାହିଁ । ବ୍ୟବସାୟରେ କ୍ଷତି ସହିବାକୁ ପଡ଼ିପାରେ । ମଙ୍ଗଳ, ବୁଧବାରରେ ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ମାନସିକ ଅବସାଦ ଦେଖାଦେଇପାରେ । ଦାମ୍ପତ୍ୟ ଜୀବନରେ ସ୍ଥିରତା ରହିବ ।

**ବିଛା**
ରବି, ସୋମବାରରେ କର୍ମକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ । ପ୍ରିୟଜନଙ୍କ ପାଇଁ ଚିନ୍ତିତ ରହିପାରନ୍ତି । ମଙ୍ଗଳ, ବୁଧବାରରେ ଅକସ୍ମାତ୍ ବନ୍ଧୁବାନ୍ଧବଙ୍କ ଆଗମନ ହୋଇପାର । ବ୍ୟବସାୟିକ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ମହିଳାମାନେ ଧର୍ମପରାୟଣ ହେବେ ।

**ଧନୁ**
ରବି, ସୋମବାରରେ ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ସଫଳତା ହାସଲ କରିବେ । ମହିଳାମାନେ ସ୍ୱାଧୀନମନା ହେବେ । ମଙ୍ଗଳ, ବୁଧବାରରେ ବ୍ୟବସାୟରେ ଉନ୍ନତି ନିମନ୍ତେ ସାଙ୍ଗସାଥୀଙ୍କ ସହଯୋଗ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ନିଜ ଲକ୍ଷ୍ୟରେ ଧ୍ୟାନ କେନ୍ଦ୍ରିତ କରନ୍ତୁ ।

**ମକର**
ରବି, ସୋମବାରରେ ପାରିବାରିକ ସୁଖଶାନ୍ତି ବୃଦ୍ଧି ପାଇବାକୁ ଲାଗିବ । କର୍ମକ୍ଷେତ୍ରରେ କିଛି ନୂଆ କାର୍ଯ୍ୟରେ ନିୟୋଜିତ ହୋଇପାରନ୍ତି । ମଙ୍ଗଳ, ବୁଧବାରରେ ଅପୂର୍ଣ୍ଣ କାର୍ଯ୍ୟ ପୂରଣ ହୋଇପାରେ । ଗୁରୁ, ଶୁକ୍ର, ଶନିବାରରେ ସନ୍ତାନସନ୍ତତିଙ୍କ ଉନ୍ନତିରେ ଗର୍ବ ଅନୁଭବ କରିବେ ।

**କୁମ୍ଭ**
ରବି, ସୋମବାରରେ ଶାରୀରିକ ଅସୁସ୍ଥତା ଚିନ୍ତାର କାରଣ ପାଲଟି ପାରେ । ଜୀବନରେ ନୂତନ ପରିବର୍ତ୍ତନ ଦେଖାଦେବ । ମଙ୍ଗଳ, ବୁଧବାରରେ ନୂତନ ନିବେଶ ପୂର୍ବରୁ ଅଭିଜ୍ଞ ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତୁ । ଗୁରୁ, ଶୁକ୍ର, ଶନିବାରରେ ପ୍ରେମ ଓ ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ ।

**ମୀନ**
ରବି, ସୋମବାରରେ ପୈତୃକ ସମ୍ପତ୍ତିରେ ଭାଗୀଦାରୀ ହାସଲ କରିବେ । ଦୂରଯାତ୍ରା କରି ଲାଭବାନ ହେବେ । ମଙ୍ଗଳ, ବୁଧବାରରେ ଧର୍ମକାର୍ଯ୍ୟରେ ମନୋନିବେଶ କରିବେ । ଗୁରୁ, ଶୁକ୍ର, ଶନିବାରରେ ଆର୍ଥିକସ୍ଥିତିରେ ଅବନତି ଦେଖାଦେଇ ପାରେ । ଜୀବନସାଥୀଙ୍କଠାରୁ ଉଚିତ ପରାମର୍ଶ ପାଇବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



# ପିତୃପକ୍ଷ



ଡକ୍ଟର ତ୍ରିନାଥ ପଟ୍ଟନାୟକ

## ଶ୍ରାଦ୍ଧର ପ୍ରଚଳନ

ଶ୍ରାଦ୍ଧର ଉତ୍ପତ୍ତି କିପରି ହେଲା? ତାହାକୁ ନେଇ ପୌରାଣିକ କାହାଣୀ ରହିଛି । ସଂସାରର ସୃଷ୍ଟି କର୍ତ୍ତା ବ୍ରହ୍ମାଙ୍କର ଦଶଜଣ ମାନସ ପୁତ୍ରଙ୍କ ମଧ୍ୟରେ ଅତ୍ରୀ ଋଷି ଅନ୍ୟତମ । ଅତ୍ରୀ ଋଷିଙ୍କର ପତ୍ନୀ ଅନସୂୟାଙ୍କ ଗର୍ଭରୁ ଦତ୍ତାତ୍ରେୟ, ଦୁର୍ବାସା ଓ ଚନ୍ଦ୍ରମା ଏହିପରି ତିନିପୁତ୍ର ଜନ୍ମ ହୋଇଥିଲେ । ଦତ୍ତାତ୍ରେୟଙ୍କର 'ନିଶି' ନାମରେ ଏକ ପୁତ୍ର ଥିଲେ । ସେହି ନିଶିଙ୍କ ଏକମାତ୍ର ପୁତ୍ର ଶ୍ରୀମାନ ଏତେ ରୂପବାନ ଥିଲେ ଯେ ନିଶିତାଙ୍କ ପୁତ୍ରର ସ୍ୱରୂପ ଦେଖି ବହୁତ ଆନନ୍ଦ ଅନୁଭବ କରୁଥିଲେ । ସେହି ଶ୍ରୀମାନ ତପସ୍ୟା କରୁଥିବା ସମୟରେ ତାଙ୍କର ଦେହାନ୍ତ ହୋଇଗଲା । ତାଙ୍କ ମୃତ୍ୟୁରେ ପିତା ନିଶି ବିଶେଷ ମର୍ମାହତ ହୋଇ ମୃତ ପୁତ୍ର ଉଦ୍ଦେଶ୍ୟରେ ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ ବ୍ୟବସ୍ଥା କରିବା ପାଇଁ ସଂକଳ୍ପ କଲେ । ଯେଉଁ ଖାଦ୍ୟ ଦ୍ରବ୍ୟରେ ମୃତ ପୁତ୍ରର ଅତ୍ୟନ୍ତ ଆଦର ଥିଲା ତାହା ସବୁ ସଂଗ୍ରହ କଲେ । ସଦାଚାରୀ ବୈଦିକ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରି ଏକ ଅମାବାସ୍ୟା ତିଥିରେ ପୁତ୍ରର ଗୋତ୍ର ଓ ନାମ ଉଚ୍ଚାରଣ ପୂର୍ବକ ପିଣ୍ଡ ପ୍ରଦାନ କଲେ । ଏହା ପୂର୍ବରୁ ଦେବଯଜ୍ଞ ବ୍ୟତୀତ ପିତୃଯଜ୍ଞର ପ୍ରଚଳନ ନଥିଲା । ତେଣୁ ଏପରି ନୂତନ ପିତୃଯଜ୍ଞ ପଦ୍ଧତି ଆରମ୍ଭ କରିବା ଦ୍ୱାରା କାଳେ କୌଣସି ଭୁଲ ହୋଇଯିବ ଏହି ଆଶଙ୍କା କରି ନିଶି ତାଙ୍କ ପୂର୍ବଜ ପ୍ରପିତାମହ ଅତ୍ରୀ ଋଷିଙ୍କ ପରାମର୍ଶ ନେବା ନିମିତ୍ତ ତାଙ୍କୁ ସ୍ମରଣ କଲେ । ଅତ୍ରୀ ଋଷି ପିତୃଯଜ୍ଞକୁ ସର୍ବାନ୍ତକରଣରେ ଅନୁମୋଦନ କରିବା ଦ୍ୱାରା ତାଙ୍କ ସନ୍ଦେହ ମୋଚନ ହେଲା । ଶ୍ରାଦ୍ଧ ତର୍ପଣର ବିଧି ବିଧାନ ଅତ୍ରୀ ଋଷି ନିଶିଙ୍କୁ ବତାଇ ଦେଲେ । ସେହି ଦିନଠାରୁ ଏହି ପଦ୍ଧତି ପ୍ରଚଳିତ ହୋଇ ପ୍ରତ୍ୟେକ ମୁନିଋଷି ଓ ଗୃହସ୍ଥମାନେ ନିଜ ନିଜର ପିତୃପୁରୁଷଙ୍କୁ ଶ୍ରାଦ୍ଧ ଓ ତର୍ପଣଦ୍ୱାରା ତୃପ୍ତି କରିବାକୁ ଲାଗିଲେ ।

**ଶ୍ରଦ୍ଧାରୁ ଶ୍ରାଦ୍ଧ । ମହାନ୍ ଭାରତୀୟ ପରମ୍ପରାରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଇ ପିତୃଋଣ ପରିଶୋଧ କରାଯାଇଥାଏ । ପିତୃପୁରୁଷ ଆମ ପାଇଁ ସର୍ବଦା ନମସ୍ୟ । ସେହିମାନେ ହିଁ ଆମକୁ ଏକ ବଂଶ ପରମ୍ପରାର ପରିଚୟ ଦେଇଥାନ୍ତି, ଯାହାର ବ୍ୟତିରକେ ଆମେ ସମସ୍ତେ ସମାଜରେ ଯେପରି କକ୍ଷଚ୍ୟୁତ, ଅଚିହ୍ନା, ଅଲୋଡ଼ା । ଚିର ନମସ୍ୟ ପିତୃପୁରୁଷମାନଙ୍କ ସ୍ମୃତିରେ ଗୋଟିଏ ଦିନକୁ ଶ୍ରଦ୍ଧାର ସହିତ ସମର୍ପଣ କରିବାର ସମୟ ହେଉଛି ପବିତ୍ର ମହାଳୟା । ଆଶ୍ୱିନ ମାସର ଅମାବାସ୍ୟା ତିଥିରେ ପୁତ୍ର-ପୌତ୍ର-ପ୍ରପୌତ୍ରମାନେ ତିଳ, କୁଶ, ଦୁବ, ଜଳ, ପୁଷ୍ପ ଇତ୍ୟାଦି ଶ୍ରଦ୍ଧାରେ ବାଢ଼ି ଦେଇଥାନ୍ତି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ । ପିତୃପୁରୁଷ ଏହା ଗ୍ରହଣ କରନ୍ତି କି ନା ତାହା ତ ଅନୁଭୂତିର କଥା, କିନ୍ତୁ ଏହାରି ମାଧ୍ୟମରେ ସେମାନଙ୍କ ପ୍ରତି ଯେଉଁ ଶ୍ରଦ୍ଧା ଓ ସମ୍ମାନ ପ୍ରକାଶ ପାଏ, ତାହା ପରବର୍ତ୍ତୀ ବଂଶଧରଙ୍କୁ ମଧ୍ୟ ଏକ ମହାନ୍ ଦୀକ୍ଷାରେ ଅନୁପ୍ରାଣିତ କରେ ।**



## ଶ୍ରାଦ୍ଧର ଅଧିକାରୀ

ଶ୍ରାଦ୍ଧର ଅଧିକାରୀ କେବଳ ପୁତ୍ର । ଯଦି ପୁତ୍ର ନାହିଁ, ତେବେ କନ୍ୟାର ପୁତ୍ର ଅର୍ଥାତ୍ ନାତି ଶ୍ରାଦ୍ଧ ଦେବାର ଅଧିକାରୀ ହୋଇଥାଏ । ଏମିତି ମଧ୍ୟ ଘଟଣା ଘଟିଛି ଯାହାର ପୁତ୍ର କିମ୍ବା ନାତି ନାହାନ୍ତି, ସେହି ସ୍ଥଳରେ ପରିବାରର ଯେ କୌଣସି ଉତ୍ତରାଧିକାରୀ ଶ୍ରାଦ୍ଧ ଦେଇ ପାରିବ । ଯେଉଁ ପିତାର ଅନେକ ପୁତ୍ର, ସେମାନଙ୍କ ମଧ୍ୟରେ କେବଳ ଜ୍ୟେଷ୍ଠ ପୁତ୍ର ଶ୍ରାଦ୍ଧ ଦେବେ । ଯଦି ପରସ୍ପରଠାରୁ ଭିନ୍ନ ହୋଇ ବାସ କରୁଥାନ୍ତି, ତେବେ ସେମାନେ ସଂଯୁକ୍ତ ଭାବେ ଗୋଟିଏ ଶ୍ରାଦ୍ଧ ଦେବା ଉଚିତ୍ । ଅଲଗା ଅଲଗା ଶ୍ରାଦ୍ଧ ଦେବା ଉଚିତ୍ ନୁହେଁ । ଧର୍ମ ଶାସ୍ତ୍ରରେ ଉଲ୍ଲେଖ ଅଛି କେବଳ ଶ୍ରାଦ୍ଧ ନିମନ୍ତେ ମନୁଷ୍ୟ ପୁତ୍ର ଜନ୍ମ କରିଥାଏ । 'ଆତ୍ମା ବୈଜାୟତେ ପୁତ୍ରଃ' ଅର୍ଥାତ୍ ପୁତ୍ରଠାରେ ହିଁ ପିତାର ଆତ୍ମା ନିହିତ । ପୁତ୍ ନାମକ ନରକରୁ ଉଦ୍ଧାର କରୁଥିବା ଯୋଗୁ ହିଁ ପୁତ୍ରର ସୃଷ୍ଟି । ପୁତ୍ର ଓ ପୁତ୍ର ସ୍ଥାନୀୟ ପୌତ୍ର, ପ୍ରପୌତ୍ରମାନେ ଶ୍ରାଦ୍ଧ ଅନୁଷ୍ଠାନ ଦ୍ୱାରା ପିତୃଗଣଙ୍କୁ ପରିତୃପ୍ତି ପ୍ରଦାନ କରିଥାନ୍ତି । ଶ୍ରାଦ୍ଧ ଦ୍ୱାରା ହିଁ ସ୍ୱର୍ଗତ ପିତୃଗଣଙ୍କର ଆତ୍ମା ଶାନ୍ତି ଲାଭ କରେ ।

ପୁତ୍ର ନଥିଲେ ଶ୍ରାଦ୍ଧ କ୍ରିୟା ସମାପ୍ତ ହୋଇଯାଏ । ନିଜର ନାମ ସୁଦ୍ଧା ବୁଡ଼ି ଯାଏ । ପୁତ୍ର ଅଭାବରେ ପୌତ୍ର, ଅଥବା ଭାଇର ସନ୍ତାନମାନେ ଶ୍ରାଦ୍ଧର ଅଧିକାରୀ ଅଟନ୍ତି । ପୁତ୍ର ଅଭାବରେ ବିଧବା ପତ୍ନୀ ମଧ୍ୟ ଶ୍ରାଦ୍ଧ ଦେଇପାରିବ । ଯଦି ପୁତ୍ର, ପୌତ୍ର ନାହାନ୍ତି ତେବେ ପତ୍ନୀର ଶ୍ରାଦ୍ଧ ସ୍ୱାମୀ ଦେଇପାରିବ । ମାତ୍ର ପୁତ୍ର ବିଦ୍ୟମାନରେ ସ୍ୱାମୀ ସ୍ତ୍ରୀ କେହି କାହାର ଶ୍ରାଦ୍ଧ ଦେଇପାରିବେ ନାହିଁ ।





## ପିତୃଋଣ ପରିଶୋଧ

ଆଶ୍ୱିନ ମାସ କୃଷ୍ଣପକ୍ଷ ୧୫ ଦିନକୁ ପିତୃପକ୍ଷ ରୂପେ ପାଳନ କରାଯାଏ। ସୂର୍ଯ୍ୟ କନ୍ୟା ରାଶିରେ ଥିବା ସମୟରେ ଯେଉଁ ଅମାବାସ୍ୟା ପଡ଼େ ତାହା 'ମହାଳୟା ଆମାବାସ୍ୟା' ନାମରେ କଥିତ । ଏହାକୁ 'ସାମ୍ବତ୍ସରିକ ଶ୍ରାଦ୍ଧ' ବା 'ପାର୍ବଣ ଶ୍ରାଦ୍ଧ' ବୋଲି ମଧ କୁହାଯାଏ । ସାଧାରଣ ଲୋକମାନେ ଏହାକୁ 'ମଉଳା ଶ୍ରାଦ୍ଧ' ବୋଲି କହିଥାନ୍ତି। ଏହି ସମୟରେ ଲୋକମାନେ ପିତୃପୁରୁଷଙ୍କୁ ଜଳଦାନ କରି ପିତୃବ୍ରତ ପାଳନ କରିଥାନ୍ତି । ଶାସ୍ତ୍ରମାନଙ୍କରେ ମନୁଷ୍ୟମାନଙ୍କ ପାଇଁ ତିନିପ୍ରକାର ଋଣ କଥା ଉଲ୍ଲେଖ ଅଛି, ପିତୃଋଣକୁ ଶ୍ରାଦ୍ଧକରି ପରିଶୋଧ କରାଯାଏ। ପିତୃଋଣ ପରିଶୋଧ କରିବା ନିମନ୍ତେ ବିଶେଷ କିଛି ଖର୍ଚ୍ଚ କରିବାକୁ ପଡ଼ିନଥାଏ । ତିଳ, କୁଶ, ଯବ, ଜଳ, ପୁଷ୍ପ ଆଦିରେ ଶ୍ରାଦ୍ଧ ଓ ତର୍ପଣ କରି ବ୍ରାହ୍ମଣଙ୍କୁ ଭୋଜନ କରାଇଲେ ପିତୃପୁରୁଷ ପ୍ରସନ୍ନ ହୁଅନ୍ତି । ଫଳରେ ପିତୃଋଣ ପରିଶୋଧ ହେବା ସଙ୍ଗେ ସଙ୍ଗେ ବଂଶର ସୁଖ ଶାନ୍ତି ବୃଦ୍ଧି ହୋଇଥାଏ ।

ବର୍ଷର ଯେ କୌଣସି ମାସରେ, ଯେକୌଣସି ତିଥି ଅନୁସାରେ ପର ଲୋକଗତ ପିତୃ ପୁରୁଷଙ୍କୁ ଏହି ଦିନ ଶ୍ରାଦ୍ଧ ଦିଆଯାଇଥାଏ । ପୁଣି ଯେଉଁ ପିତୃ ପୁରୁଷଙ୍କର ମୃତ୍ୟୁ ତିଥି ଜଣା ନଥିବ ସେମାନଙ୍କ ଉଦ୍ଦେଶ୍ୟରେ ଏହି ସମୟରେ ଶ୍ରାଦ୍ଧ ଦେବା ନିମନ୍ତେ ପ୍ରକୃତ ସମୟ। ଦେବତା, ଋଷି ଓ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରତିଦିନ ଜଳ ଦିଆଯାଏ । ଏହାକୁ ତର୍ପଣ କୁହନ୍ତି। ଯେଉଁ ନିର୍ଦ୍ଦିଷ୍ଟ ତିଥିରେ ପିତା ମାତାଙ୍କର ମୃତ୍ୟୁ ହୋଇଛି, ସେହି ତିଥିରେ ସେମାନଙ୍କୁ ଶ୍ରାଦ୍ଧ ଦେବା ବ୍ୟତୀତ ଆଶ୍ୱିନ ଅମାବାସ୍ୟା ଦିନ ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେଲେ ପିତୃଗଣ ସନ୍ତୋଷ ଲାଭ କରନ୍ତି ।

## ପିଣ୍ଡଦାନରେ ପୁତ୍ରର କର୍ତ୍ତବ୍ୟ

ପିତୃପକ୍ଷରେ ପ୍ରତ୍ୟେକ ଗୃହସ୍ଥ ସଦାଚାର ଓ ବ୍ରହ୍ମଚର୍ଯ୍ୟ ରକ୍ଷା ପୂର୍ବକ ପୂର୍ବଜମାନଙ୍କର କୃତି ଓ ଉପକାରକୁ ସ୍ମରଣ କରିବା ଉଚିତ । ଗୃହସ୍ଥ ଯେତିକି ସଂଯତ ଓ ସଦାଚାରୀ ହେବ, ପିତୃପୁରୁଷ ସେତିକି ସନ୍ତୋଷ ଲାଭ କରିବେ ଓ ଶୁଭ ମନାସିବେ । ତେବେ ଯାଇ ସେ ଶ୍ରାଦ୍ଧ କରିବାର ଅଧିକାର ପ୍ରାପ୍ତ ହେବ । ଆଶ୍ୱିନ କୃଷ୍ଣ ପ୍ରତିପଦଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନକୁ ଅପରପକ୍ଷ କୁହାଯାଏ । ଏହି ୧୫ ଦିନରେ କ୍ଷୌର କାର୍ଯ୍ୟ କରିବା, ତୈଳ ପ୍ରଭୃତି ଶୃଙ୍ଗାରିକ ପଦାର୍ଥ ଉପଯୋଗକରିବା ଉଚିତ ନୁହେଁ । ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ପ୍ରତିଦିନ ସ୍ନାନ ପରେ ତର୍ପଣ କରିବ ଓ ଅସହାୟ କ୍ଷୁଧାର୍ତ୍ତଙ୍କୁ ଭୋଜନ ଦାନ କଲେ ବହୁପୁଣ୍ୟ ମିଳିଥାଏ ।


ଏ ବିଷୟରେ ଏକ ପୌରାଣିକ ଉପାଖ୍ୟାନ ଅଛି- ଅଙ୍ଗରାଜ କର୍ଣ୍ଣ ପରମ ଦାନୀ ଥିଲେ । ନିତ୍ୟ ଦେଢ଼ ମହଣ ସୁବର୍ଣ୍ଣ ବିଦ୍ୱାନ, ସଦାଚାରୀ କୁଳୀନ ବ୍ରାହ୍ମଣଙ୍କୁ ଦାନ କରୁଥିଲେ । କିନ୍ତୁ କେବଳ ସୁବର୍ଣ୍ଣ ବ୍ୟତୀତ ଅନ୍ୟ କୌଣସି ବସ୍ତୁ ଦାନ କରୁ ନ ଥିଲେ । ଯେତେବେଳେ ତାଙ୍କର ବିୟୋଗ ହେଲା, ନିଜର ପୁଣ୍ୟକର୍ମର ପ୍ରଭାବରେ ସ୍ୱର୍ଗଲୋକ ପ୍ରାପ୍ତ ହେଲେ । ସୁବର୍ଣ୍ଣ ଦାନ କରିଥିବା ଯୋଗୁ ତାଙ୍କୁ ସ୍ୱର୍ଗରେ ଏକ ସୁବର୍ଣ୍ଣ ନିର୍ମିତ ଭବ୍ୟ ପ୍ରାସାଦ ମିଳିଲା, କିନ୍ତୁ ଭବନ ଭିତରେ ଅନ୍ୟ କିଛି ନଥିଲା । କର୍ଣ୍ଣ ସେ ସବୁ ଦେଖି ବଡ଼ ଦୁଃଖିତ ହେଲେ, ମାତ୍ର ଏବେ କଣ ହୋଇପାରିବ? ଭବନ ରକ୍ଷକ କହିଲା - ମନୁଷ୍ୟ ମର୍ତ୍ତ୍ୟ ଲୋକରେ ଯେଉଁ ସବୁ ପଦାର୍ଥ ଦାନ କରିଥାଏ, ଏଠାରେ ସେ ସବୁ ପଦାର୍ଥ ପ୍ରାପ୍ତ ହୁଏ । କର୍ଣ୍ଣ ଦେବରାଜ ଓ ଯମରାଜଙ୍କୁ ପ୍ରାର୍ଥନା କଲେ ଗୋଟିଏ ପକ୍ଷ ପାଇଁ ତାଙ୍କୁ ପୁନଃ ପୃଥିବୀ ବକ୍ଷକୁ ଫେରାଇ ଦିଆଯାଉ । ସେ ତାଙ୍କର ତ୍ରୁଟି ସଂଶୋଧନ କରି ଫେରିବେ । କର୍ଣ୍ଣଙ୍କ ପ୍ରାର୍ଥନା ସ୍ୱୀକୃତ ହୋଇଗଲା । ତାଙ୍କ ମୃତକ ଶରୀର ପୁନଃ ଜୀବିତ ହୋଇ ଉଠିଲା, ପୁଣି କର୍ଣ୍ଣ ଧରିତ୍ରୀକୁ ଫେରି ୧୫ ଦିନ ପର୍ଯ୍ୟନ୍ତ ସଂଯମ ଓ ସଦାଚାର ସହିତ ଦୁଃଖୀ ଦରିଦ୍ରଙ୍କୁ ବହୁବିଧ ପଦାର୍ଥ ଦାନ କଲେ । ତାପରେ ତାଙ୍କର ସ୍ୱର୍ଗବାସ ହେଲା ।

ମହାରାଜା କର୍ଣ୍ଣ ଏହି ୧୫ ଦିନ ଏତେକାର୍ଯ୍ୟ ବ୍ୟସ୍ତ ହୋଇ ଉଠିଲେ ଯେ, କ୍ଷୌର କର୍ମ କଥା ଭୁଲିଗଲେ । ତାଙ୍କର ସେହି ସଂଯତ ଜୀବନ ସଦାଚାର ଦାନବୀର ଫଳ ସ୍ୱରୂପ ତାଙ୍କୁ ସ୍ୱର୍ଗରେ ସମସ୍ତ ପଦାର୍ଥ ଉପଲବ୍ଧ ହେଲା । କୁହାଯାଏ ଦାନୀ କର୍ଣ୍ଣଙ୍କର ସେହି ୧୫ ଦିନ ପୁନର୍ଜୀବନକୁ ପିତୃପକ୍ଷ କୁହାଯାଏ । ସେହିଦିନଠାରୁ ପିତୃପକ୍ଷରେ ସଂଯମ, ସଦାଚାର ଏବଂ ଦାନର ଅତିଶୟ ମହିମା ଅଛି ।

## ପିତୃପକ୍ଷରେ ଶ୍ରାଦ୍ଧ

ଧର୍ମଶାସ୍ତ୍ରରେ କୁହାଯାଇଛି, ପିତୃପକ୍ଷଙ୍କୁ ଶ୍ରାଦ୍ଧ ଦେଉଥିବା ଗୃହସ୍ଥ ଦୀର୍ଘାୟୁ ପୁତ୍ର ପୌତ୍ରାଦି ଲାଭ. ଯଶ, ସ୍ୱର୍ଗସୁଖ, ପୁଷ୍ଟି, ବଳ, ଲକ୍ଷ୍ମୀ, ପଶୁଧନ, ସୁଖ ତଥା ଧନ ଧାନ୍ୟାଦିର ପ୍ରାପ୍ତି ହୋଇଥାଏ। କେବଳ ସେତିକି ନୁହେଁ ପିତୃପୁରୁଷଙ୍କ କୃପାରୁ ସବୁ ପ୍ରକାର ସମୃଦ୍ଧି ଓ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ ।

ଏହି ଆଶ୍ୱିନ ମାସର ପିତୃପକ୍ଷରେ ପିତୃ ପୁରୁଷମାନଙ୍କର ଆଶା ଥାଏ ଯେ, ଆମର ପୁତ୍ର ପୌତ୍ରାଦି ଆମକୁ ପିଣ୍ଡଦାନ ତଥା ତିଳାଞ୍ଜଳି ପ୍ରଦାନ କରି ସନ୍ତୁଷ୍ଟ କରିବେ । ଏହି ଆଶା ନେଇ ସେମାନେ ପିତୃଲୋକରୁ ପୃଥିବୀ ଲୋକକୁ ଆସିଥାନ୍ତି। ଯେତେବେଳେ ସେମାନଙ୍କୁ ପିଣ୍ଡଦାନ ଅଥବା ତିଳାଞ୍ଜଳି ମିଳେ ନାହିଁ, ସେମାନେ ବଂଶଧରମାନଙ୍କୁ ଶାପ ଦେଇ ନିରାଶ ଓ ଦୁଃଖୀ ହୋଇ ଫେରି ଯାଆନ୍ତି। ଏଣୁ ପ୍ରତ୍ୟେକ ହିନ୍ଦୁ, ସଦ୍‌ଗୃହସ୍ଥର ଧର୍ମ ହେଉଛି ସେ ପିତୃପକ୍ଷରେ ନିଜର ପିତୃ ପୁରୁଷମାନଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ଏବଂ ତର୍ପଣ ନିଶ୍ଚିତ ଭାବେ କରନ୍ତୁ। ନିଜର ଶକ୍ତି ଅନୁସାରେ ଫଳମୂଳ ଯାହା ସମ୍ଭବ ସେମାନଙ୍କ ନିମିତ୍ତ ପ୍ରଦାନ କରନ୍ତୁ । ଶାସ୍ତ୍ରରେ ଏହା ମଧ କୁହାଯାଇଛି, ଯେଉଁ କୁଳରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ହୁଏ ନାହିଁ, ସେହି କୁଳରେ ପୁତ୍ର ଜନ୍ମ ହୁଏ ନାହିଁ । ସନ୍ତାନମାନେ ରୋଗ ଶୂନ୍ୟ କିମ୍ବା ଦୀର୍ଘାୟୁ ହୁଅନ୍ତି ନାହିଁ। ସେହି କୁଳକୁ ଶ୍ରେୟ ପ୍ରାପ୍ତି ହୁଏ ନାହିଁ।





## ଅପମୃତ୍ୟୁଙ୍କ ପାଇଁ ମହାଳୟା ଏକମାତ୍ର ଶ୍ରାଦ୍ଧ

ପଣ୍ଡିତ ସର୍ବସ୍ୱରେ ଉଲ୍ଲେଖ ଅଛି-

**ଏକୋଦ୍ଦିଷ୍ଟଂ ଚ କର୍ତ୍ତବ୍ୟଂ ଚତୁର୍ଦ୍ଦଶ୍ୟାଂ ମହାଳୟେ ।**

ଶସ୍ତ୍ରହତ ପିତାଙ୍କର ସମାନୀକରଣ (ଶୁଦ୍ଧିକ୍ରିୟା) ହୋଇଥିଲେ, ମଧ ମହାଳୟାରେ ଚତୁର୍ଦ୍ଦଶୀରେ କେବଳ ଏକୋଦ୍ଦିଷ୍ଟ ଶ୍ରାଦ୍ଧ କରିବ। ଯେଉଁମାନେ ପକ୍ଷୀ, ମତ୍ସ୍ୟ, ପଶୁ, ଶୃଙ୍ଗଧାରୀ ଜୀବ, ଦନ୍ତ ବିଶିଷ୍ଟ ଜୀବ କିମ୍ବା ମନୁଷ୍ୟ ଦ୍ୱାରା ମରିଥାନ୍ତି ଅଥବା ଯେଉଁମାନେ ପଡ଼ିବା ଦ୍ୱାରା, ଉପବାସରେ, ପର୍ବତରୁ ଖସି ପଡ଼ିବା ପରେ, ବଜ୍ରଘାତରେ ଅଗ୍ନିରେ, ବିଷ ଭକ୍ଷଣ କରି, ଦଉଡ଼ି ଦେଇ, ପାଣିରେ ବୁଡ଼ି ମରିଥାନ୍ତି ସେମାନଙ୍କୁ ଶସ୍ତ୍ରହତ (ଅପମୃତ୍ୟୁ) ବୋଲି କହିଥାନ୍ତି। ଏହି ଶସ୍ତ୍ରହତ ବ୍ୟକ୍ତିର ଏକୋଦ୍ଦିଷ୍ଟ ଶ୍ରାଦ୍ଧ ମହାଳୟା ଚତୁର୍ଦ୍ଦଶୀରେ ହେବା ଉଚିତ । ଯୁଦ୍ଧରେ ହତ ବ୍ୟକ୍ତିର ମଧ ପାର୍ବଣ ଶ୍ରାଦ୍ଧ ନାହିଁ। ସେମାନେ ମଧ ମହାଳୟା ଶ୍ରାଦ୍ଧ ନିମନ୍ତେ ଉପଯୁକ୍ତ ।


## ମହାଳୟା ଶ୍ରାଦ୍ଧ

ଶ୍ରାଦ୍ଧର ମହତ୍ତ୍ୱ ବିଷୟରେ ପୁରାଣଗୁଡ଼ିକରେ ବହୁ ରୋମାଞ୍ଚକର କଥା ସବୁ ଅଛି । ଧର୍ମଶାସ୍ତ୍ର ମଧ ଶ୍ରାଦ୍ଧର ମହତ୍ତ୍ୱ ବିଷୟରେ ପ୍ରମାଣ ଦେଇଛି । ଶ୍ରାଦ୍ଧ ମୁଖ୍ୟତଃ ତିଥି ଅନୁସାରେ ଦିଆଯାଏ । ମାତ୍ର ତର୍ପଣ ପ୍ରତିଦିନ କରାଯାଏ । ଦେବତା ଓ ଋଷିମାନଙ୍କୁ ଜଳ ଦେବା ପରେ ପିତୃପୁରୁଷଙ୍କୁ ଜଳ ଦେଇ ତୃପ୍ତ କରିବା ଉଚିତ । ପିତୃପୁରୁଷଙ୍କ ମଧ୍ୟରେ ପିତା, ପିତାମହ, ପ୍ରପିତାମହ, ମାତା, ପିତାମହୀ, ପ୍ରପତାମହୀ ପ୍ରମୁଖଙ୍କ ନାମ ଗୋତ୍ର ଉଚ୍ଚାରଣ କରି ମନରେ ତାଙ୍କର ସ୍ୱରୂପକୁ ଚିନ୍ତାକରି ତର୍ପଣ କରିବା ଉଚିତ । ଯଦ୍ୟାପି ପ୍ରତ୍ୟେକ ଅମାବାସ୍ୟା ପିତୃପୁରୁଷଙ୍କର ପୁଣ୍ୟତିଥି ତଥାପି ଆଶ୍ୱିନ ଅମାବାସ୍ୟା ପିତୃପୁରୁଷମାନଙ୍କ ପାଇଁ ପରମ ଫଳଦାୟୀ । ପିତୃଗଣ ସନ୍ତୋଷ ହେଲେ ଦେବଗଣ ସନ୍ତୋଷ ହୋଇଥାନ୍ତି ।

ଶ୍ରାଦ୍ଧରେ ଅରୁଆ ଚାଉଳ, ଗହମ ଛତୁ, ଅଟା, ପିଣ୍ଡୋପକରଣ ରୂପେ ଗୃହୀତ ହୁଏ। ଏଥିରେ ପଞ୍ଚାମୃତ, ଫଳମୂଳ ପ୍ରଭୃତି ପକାଇ ଅଟା, ପିଣ୍ଡ ଅନ୍ନ ପ୍ରସ୍ତୁତି କରାଯାଏ । ବ୍ରାହ୍ମଣମାନେ ନିଜ ଗୃହରେ ଶ୍ରାଦ୍ଧ ଅର୍ପଣ କଲେ, ହବିଷ୍ୟାନ୍ନ ପ୍ରସ୍ତୁତ କରି ପିଣ୍ଡଦାନ କରନ୍ତି । ବ୍ରାହ୍ମଣମାନଙ୍କ ବ୍ୟତୀତ ଅନ୍ୟମାନେ ଏହି ଦିନରେ ଅରୁଆ ଚାଉଳରେ ପିଣ୍ଡଦେବା ପରେ ପୁରୋହିତଙ୍କୁ ଚାଉଳ, ଡାଲି, ପରିବା ପ୍ରଭୃତି ଭୋଜ୍ୟ ପଦାର୍ଥ ଅର୍ପଣ କରନ୍ତି ।

ପିଣ୍ଡଦାନ କାଳରେ ବୈଶ୍ୱଦେବ, ପିତୃ ତିନିପୁରୁଷ ଓ ମାତା ସହ ତିନି ପୁରୁଷ ଉଦ୍ଦିଷ୍ଟ ଆସନରେ ପୂଜିତ ହୁଅନ୍ତି । ଏହି ଛଅ ପୁରୁଷଙ୍କୁ ପିଣ୍ଡଦେବା ପୂର୍ବରୁ ଆଉ ଗୋଟିଏ ଲୁପ୍ତ ପିଣ୍ଡ ଦିଆଯାଏ । ଏହାର କାରଣ ହେଉଛି ବଂଶ ମଧ୍ୟରେ ଯଦି କୌଣସି ବ୍ୟକ୍ତି ବଂଶଲୋପ ହେତୁରୁ ଶ୍ରାଦ୍ଧରୁ ବଞ୍ଚିତ ହୋଇଥାନ୍ତି, ତାଙ୍କରି ଉଦ୍ଦେଶ୍ୟରେ ଏହି ପିଣ୍ଡକୁ ଅର୍ପଣ କରାଯାଏ ।

## ମହାଳୟା ବଦଳରେ ଦୀପାବଳିରେ ଶ୍ରାଦ୍ଧ




କୌଣସି କାରଣ ବଶତଃ ଆଶ୍ୱିନ ଅମାବାସ୍ୟାରେ ଶ୍ରାଦ୍ଧ କରି ନପାରିଲେ କାର୍ତ୍ତିକ ଅମାବାସ୍ୟାରେ ଶ୍ରାଦ୍ଧ ହୋଇପାରିବ । ପଣ୍ଡିତ ସର୍ବସ୍ୱରେ ଏହା ଉଲ୍ଲେଖ ଅଛି ଯେ, ଯେଉଁ ପର୍ଯ୍ୟନ୍ତ ସୂର୍ଯ୍ୟ କନ୍ୟା ଓ ତୁଳା ରାଶିରେ କ୍ରମଶଃ ଗତି କରୁଥାନ୍ତି ସେ ପର୍ଯ୍ୟନ୍ତ ଶ୍ରାଦ୍ଧକାଳ ରହେ । କାରଣ ସେହି ସମୟରେ ପ୍ରେତପୁର ଶୂନ୍ୟଥାଏ । ଏହି ବଚନ ଅନୁସାରେ ଦୁଇ ମାସ ମଧ୍ୟରେ ସବୁଦିନରେ ଶ୍ରାଦ୍ଧକାଳ ପ୍ରାପ୍ତି ହୋଇଥିଲେ ସୁଦ୍ଧା ଦୀପାବଳି ଅମାବାସ୍ୟାରେ ପିତୃଲୋକଙ୍କୁ ଶ୍ରାଦ୍ଧ ଦିଆଯାଏ । ■

ନିଆଳି, କଟକ, ପିନ୍ - ୭୫୪୦୦୪
ଫୋନ୍ - ୯୯୩୭୮୪୦୩୮୭



ଡକ୍ଟର ପ୍ରମୋଦ କୁମାର ପଣ୍ଡା

# ପିତୃପକ୍ଷ ଶ୍ରାଦ୍ଧ ଓ ପଞ୍ଚବଳି



ଆଶ୍ୱିନ ମାସ ପ୍ରଥମ ପକ୍ଷକୁ ପିତୃପକ୍ଷ କୁହାଯାଏ। ପ୍ରତିପଦରୁ ଆରମ୍ଭ ହୋଇ ଏହା ଅମାବାସ୍ୟାରେ ସମାପ୍ତ ହୋଇଥାଏ। ଅନେକେ ପିତୃପକ୍ଷ ଭାଦ୍ରପଦ ପୂର୍ଣ୍ଣିମାରୁ ଆରମ୍ଭ ହୁଏ ବୋଲି ମତ ରଖନ୍ତି। ପିତୃପକ୍ଷକୁ ଅପରପକ୍ଷ କିମ୍ବା ଶ୍ରାଦ୍ଧପକ୍ଷ ମଧ୍ୟ କୁହାଯାଏ। ପରଲୋକଗତ ତିନିପିଢ଼ିର ପୂର୍ବଜ ପିତା, ପିତାମହ ଓ ପ୍ରପିତାମହଙ୍କ ଶାନ୍ତି ଓ ମୁକ୍ତି ପାଇଁ ଅପରପକ୍ଷରେ ତର୍ପଣ, ପିଣ୍ଡଦାନ ଓ ଶ୍ରାଦ୍ଧ କର୍ମ କରାଯାଇଥାଏ। ବ୍ରାହ୍ମଣ ଭୋଜନର ଆୟୋଜନ ହୁଏ। ଦକ୍ଷିଣା ଦିଆଯାଏ। ବସ୍ତ୍ରାଦି ଦାନ କରାଯାଏ। ଏହାଦ୍ୱାରା ମୃତ୍ୟୁଲୋକରେ ଅବସ୍ଥାନ କରୁଥିବା ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଶ୍ରାଦ୍ଧ ଆସ୍ଥାର ବିଷୟ। ଶ୍ରଦ୍ଧାର ସହିତ ପାଳିତ ହେଉଥିବାରୁ ଏହା ଶ୍ରାଦ୍ଧ।



## ପଞ୍ଚବଳିର ମହତ୍ତ୍ୱ

ପଞ୍ଚବଳି ପିତୃପକ୍ଷର ଏକ ଗୁରୁତ୍ୱପୂର୍ଣ୍ଣ ବିଧି। ମହତ୍ୱପୂର୍ଣ୍ଣ କାମ। କୁହାଯାଏ ପିତୃପକ୍ଷରେ ଆମର ପିତୃ ପୃଥିବୀକୁ ଆସି ଆମକୁ ଆଶୀର୍ବାଦ ଦିଅନ୍ତି। ଜୀବିତ ଲୋକଙ୍କ ଭଳି ସେମାନଙ୍କ ସ୍ଥୂଳ ଶରୀର ନଥାଏ। ସୂକ୍ଷ୍ମ କାୟାଧାରୀ ପିତର ପଶୁପକ୍ଷୀଙ୍କ



ମାଧ୍ୟମରେ ଆମ ନିକଟକୁ ଆସନ୍ତି। ଗାଈ, କୁଆ, କୁକୁର ଓ ପିମ୍ପୁଡ଼ି ମାଧ୍ୟମରେ ଭୋଜନ ଗ୍ରହଣ କରନ୍ତି। ଶ୍ରାଦ୍ଧ ବେଳେ ପିତୃପୁରୁଷଙ୍କୁ ଅର୍ପିତ କରିବାକୁ ଥିବା ଶୁଦ୍ଧ ଶାକାହାରୀ ଭୋଜନର କିଛି ଅଂଶ କାଳି ଗାଈ, କୁକୁର, ପିମ୍ପୁଡ଼ି ଓ ଦେବତାଙ୍କ ପାଇଁ ପତ୍ରରେ ଏବଂ କୁଆ ପାଇଁ ଭୂମିରେ ଅଲଗା ଅଲଗା ରଖାଯାଏ। ପ୍ରଥମ ପିଢ଼ି ପୂର୍ବଜଙ୍କ ଦେହାନ୍ତ ତିଥିରେ ବ୍ରାହ୍ମଣ କିମ୍ବା ଦରିଦ୍ର ଭୋଜନ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଭୋଜନର ତିନି ଆହୁତି ଅଗ୍ନିଙ୍କୁ ସମର୍ପଣ କରାଯାଏ। ତପୂରେ ଅଲଗା ଅଲଗା ବଢ଼ାଯାଇଥିବା ପାଞ୍ଚ ଭାଗ ଭୋଜନ ପଶୁପକ୍ଷୀ ଓ ଦେବତାଙ୍କୁ ସଶ୍ରଦ୍ଧ ଅର୍ପଣ କରାଯାଏ। ଏହାକୁ 'ପଞ୍ଚବଳି' କୁହାଯାଏ। ପିତୃପୁରୁଷଙ୍କୁ ଏମାନଙ୍କ ମାଧ୍ୟମରେ ଭୋଜନ ଗ୍ରହଣ କରିବାକୁ ପ୍ରାର୍ଥନା କରାଯାଇଥାଏ। ପିତର ପଶୁପକ୍ଷୀଙ୍କ ମାଧ୍ୟମରେ ଭୋଜନ କରି ତୃପ୍ତ ହୁଅନ୍ତି। ପ୍ରସନ୍ନ ହୋଇ ଆଶୀର୍ବାଦ ପ୍ରଦାନ କରନ୍ତି। ପରେ ପିତୃଦେବଙ୍କୁ ଅର୍ପିତ ଭୋଜନ ଏକତ୍ରିତ କରି ଗାଈକୁ ଖାଇବାକୁ ଦିଆଯାଇପାରେ କିମ୍ବା କୁଆ ପାଇଁ ଛାତ ଉପରେ ଓ ପିମ୍ପୁଡ଼ି ପାଇଁ ଗଛ ମୂଳେ ଦିଆଯାଇପାରେ।

## ପଞ୍ଚତତ୍ତ୍ୱ ପ୍ରତି କୃତଜ୍ଞତା

କୌଣସି ପରିସ୍ଥିତିରେ ପିତୃଭୋଗ ପିଙ୍ଗାଫୋପଡ଼ା ଅଥବା ନଷ୍ଟ କରିବା କଥା ନୁହଁ। ଏଠି ପ୍ରଶ୍ନ ଉଠେ ଗାଈ, କୁଆ, କୁକୁର, ପିମ୍ପୁଡ଼ି ଓ ଦେବତାଙ୍କୁ କାହିଁକି ପିତୃପୁରୁଷଙ୍କ ଭୋଜନର ମାଧ୍ୟମ ଭାବେ ବଛାହେଲା? ଅନ୍ୟ ପଶୁପକ୍ଷୀଙ୍କୁ କାହିଁକି ନୁହଁ ? କୁକୁର, କୁଆ, ପିମ୍ପୁଡି, ଗାଈ ଓ ଦେବତା ଯଥାକ୍ରମେ ଜଳ, ବାୟୁ, ଅଗ୍ନି, ପୃଥିବୀ ଓ ଆକାଶ ତତ୍ତ୍ୱର ପ୍ରତୀକ ଅଟନ୍ତି। ଏମାନଙ୍କୁ ଭୋଜନ କରାଇ ଆମେ ପଞ୍ଚତତ୍ତ୍ୱ ପ୍ରତି ଆମର କୃତଜ୍ଞତା ଜ୍ଞାପନ କରିଥାଉ। ଗୋମାତା ଏକମାତ୍ର ପ୍ରାଣୀ ଯାହାଙ୍କ ପାଖରେ ଏକାସଙ୍ଗେ ପଞ୍ଚତତ୍ତ୍ୱ ସମାହିତ। ସେଥିଯୋଗୁଁ ପିତୃପକ୍ଷରେ ଗୋସେବା ବିଶେଷ ଫଳଦାୟୀ ଅଟେ। ବ୍ରାହ୍ମଣ ଭୋଜନ ଓ ଦାନ ଦକ୍ଷିଣାର ସାମର୍ଥ୍ୟ ନଥିଲେ କେବଳ ଗୋସେବାରେ ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି। ତୃପ୍ତି ଲାଭ କରନ୍ତି। ମାତାକୁ ତାଜା ସବୁଜ ଘାସ ଅର୍ପଣ ବ୍ରାହ୍ମଣ ଭୋଜ ସହିତ ସମକକ୍ଷ। ଶକ୍ତି ଅନୁସାରେ ଗାଈକୁ ଗୁଡ଼ ଫଳ ଆଦି ଭୋଜନ କରାଇଲେ ଅଶେଷ



ପୁଣ୍ୟଫଳ ପ୍ରାପ୍ତ ହୁଏ। କେବଳ ମାତ୍ର ଗୋସେବାରେ ପିତୃଶ୍ରାଦ୍ଧ ସମ୍ପନ୍ନ ହୋଇଥାଏ। ନିଜକୁ ଶାନ୍ତି ଓ ସନ୍ତୋଷ ଏବଂ ପିତୃପୁରୁଷଙ୍କୁ ମୁକ୍ତି ଓ ମୋକ୍ଷ ମିଳିଥାଏ। ପିତୃପକ୍ଷରେ ପଞ୍ଚଗବ୍ୟ ଯଥା- କ୍ଷୀର, ଦହି, ଘିଅ, ଗୋମୂତ୍ର ଓ ଗୋବରର ଭିନ୍ନ ଭିନ୍ନ ପ୍ରୟୋଗ ଦ୍ୱାରା ପିତୃଦୋଷରୁ ମୁକ୍ତି ମିଳେ। ଗୋଦାନ ସମସ୍ତ ଋଣରୁ ମୁକ୍ତି ଦିଏ।

ଏମିତି ତ ପିତୃପକ୍ଷ ବର୍ଷକୁ ପନ୍ଦର ଦିନ ପାଇଁ ଆସେ। କିନ୍ତୁ ପ୍ରତି ମାସର ଅମାବାସ୍ୟା ତିଥି ପୂର୍ବପୁରୁଷଙ୍କ ତିଥି। ବର୍ଷତମାମ ପୂର୍ବଜଙ୍କୁ ସ୍ମରଣ କରି ନ ପାରିଲେ ସୁଦ୍ଧା ଅମାବାସ୍ୟାରେ ଗୋସେବା ଓ ସବୁଜ ଚାରାହାର ପ୍ରଦାନ କଲେ ପିତୃପୁରୁଷ ଶାନ୍ତ ହୁଅନ୍ତି। ପିତୃପକ୍ଷରେ ଦାନର ମହତ୍ତ୍ୱ ଖୁବ୍ ଅଧିକ। ସାଧ୍ୟମତେ ପନ୍ଦର ଦିନ ପ୍ରତ୍ୟହ ଦାନ କଲେ ସୁଫଳ ମିଳିଥାଏ। ପ୍ରତିଦିନ ଚାଉଳ, ଅଟା କିମ୍ବା ଗହମ ଦାନ ସହିତ ପିତୃଶ୍ରାଦ୍ଧ ତିଥିରେ ଚାଉଳ, ଡାଲି, ତଟକା ସବୁଜ ପନିପରିବା, ଲୁଣ, ଲଙ୍କା ଏବଂ ଫଳ ଦାନ କରିବା ଉଚିତ। ପିତୃପକ୍ଷରେ ପଞ୍ଚବଳି, ଗୋସେବା, ପଞ୍ଚଗବ୍ୟର ବ୍ୟବହାର, ବ୍ରାହ୍ମଣ ଭୋଜନ, ଦାନ, ଦକ୍ଷିଣା ଦରିଦ୍ର ସେବା ଇତ୍ୟାଦି ପିତୃପୁରୁଷଙ୍କୁ ଶାନ୍ତି ଓ ମୁକ୍ତି ପ୍ରଦାନ କରେ। କର୍ତ୍ତାର ମନୋବାଞ୍ଛା ପୂର୍ଣ୍ଣ ହୁଏ। ପୁଣ୍ୟ ମିଳେ। ରିଷ୍ଟ ଖଣ୍ଡନ ହୁଏ। ଅଜ୍ଞାତ ବାଧାବିଘ୍ନ ଦୂରେଇ ଯାଏ। ପଞ୍ଚବଳି ବିନା ପିତୃଶ୍ରାଦ୍ଧ ସଂପୂର୍ଣ୍ଣ ହୁଏ ନାହିଁ। ଅସମ୍ପୂର୍ଣ୍ଣ ରୁହେ। ■

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ: ୭୯୭୮୨୮୩୧୯୦



# ଆଧ୍ୟାତ୍ମିକ ଓ ବୈଜ୍ଞାନିକ ସୌରଭ

# ପିତୃପକ୍ଷ

ସତ୍ୱ, ରଜ ଓ ତମ ଗୁଣର ସମ୍ମିଳନରେ ପଞ୍ଚଭୂତର ସମାହାରରେ ସୃଷ୍ଟି ମାନବ ଶରୀର ଧର୍ମାନୁବନ୍ଧିତ ଜୀବନ ଚର୍ଯ୍ୟା ପାଳନ କରିବା ଏକ ସହଜାତ ପ୍ରବୃତ୍ତି । ଧର୍ମ ଜୀବନ ବଞ୍ଚିବାର ଏକ ଶୈଳୀ ଭାବେ ପ୍ରତୀତ ହେବା ହିନ୍ଦୁ ସଂସ୍କୃତିର ଏକ ଅନନ୍ୟ ଉପଲବ୍ଧି । ସୃଷ୍ଟି ଓ ସ୍ରଷ୍ଟା ମଧ୍ୟରେ ଗଭୀର ଭାବଗତ ସମ୍ବନ୍ଧ ପୁରୁଷାନୁକ୍ରମିକ ସାଂସାରିକ ବିଭବକୁ ଉଚ୍ଚାଟିତ କରିଥାଏ । ପରସ୍ପର ପ୍ରତି ପ୍ରତିବଦ୍ଧତା ଜୀବନ ଯନ୍ତ୍ରଣାକୁ କେବଳ ପ୍ରଶମିତ କରିଥାଏ ତାହା ନୁହେଁ, ବରଂ ଆଧ୍ୟାତ୍ମିକ ତଥା ସାମାଜିକ ଅନୁବନ୍ଧନ ଜୀବନକୁ ଉଲ୍ଲସିତ ଓ ଚଳଚଞ୍ଚଳ କରିଥାଏ । ପାରିବାରିକ ଚଳଣିରେ ମାତାପିତାଙ୍କ ତ୍ୟାଗ ସର୍ବଦା ବନ୍ଦନୀୟ ଓ ପ୍ରେରଣାଦାୟୀ ହୋଇ ସନ୍ତାନସନ୍ତତିକୁ ଭବିଷ୍ୟତ ପିଢ଼ି ନିମନ୍ତେ ମାନବୀୟ ମୂଲ୍ୟବୋଧର ଶିକ୍ଷା ପ୍ରଦାନ କରେ । ଭୌତିକ ସର୍ବସ୍ୱ ଆଧୁନିକ ମାନବ ସଭ୍ୟତା ପାଇଁ ନୀତି, ନୈତିକତାପୂର୍ଣ୍ଣ ଉତ୍ତର ଦାୟିତ୍ୱ ନିଶ୍ଚିତ ରୂପେ ଆହ୍ୱାନ ସୃଷ୍ଟି କରେ । ହିନ୍ଦୁ ସଭ୍ୟତାରେ ଜନ୍ମ ଓ ମୃତ୍ୟୁର ଚକ୍ର ସହ ପୁନର୍ଜନ୍ମର ବିଶ୍ୱାସ ସାମାଜିକ ଭାବଧାରାକୁ ଚଳଚଞ୍ଚଳ କରିଥାଏ । ମନୁଷ୍ୟ ଜୀବନ ସହ ଜୀବ ଓ ଜଡ଼ ଜଗତର ବୈଭବରେ ପରିପୂର୍ଣ୍ଣ ପ୍ରକୃତିକୁ ସଂଯୋଗିତ କରାଯାଇ ଅନେକ ଆଧ୍ୟାତ୍ମିକ ଅନୁସରଣ ସୃଷ୍ଟି କରାଯାଇଛି, ଯେଉଁଠାରେ ପରସ୍ପର ପ୍ରତି ସମର୍ପଣ ଭାବ ଅତ୍ୟନ୍ତ ଭବ୍ୟ ଓ ଦିବ୍ୟ । ଏହି କ୍ରମରେ ମାତାପିତାଙ୍କ ସାମାଜିକ ଅବଦାନକୁ ଚିରକାଳ ସ୍ମରଣୀୟ କରାଯାଇ ମୃତ୍ୟୁ ପରେ ତାଙ୍କର ଆତ୍ମାକୁ ମୋକ୍ଷାୟିତ କରିବାର ମାନସିକତା ହିନ୍ଦୁଧର୍ମୀୟ ପରମ୍ପରାର ସ୍ୱର୍ଗୀୟ ଭାବକୁ ପ୍ରଦର୍ଶିତ କରିଥାଏ । ସନ୍ତାନସନ୍ତତିଙ୍କ ଦ୍ୱାରା ଶ୍ରଦ୍ଧା ଭାବରେ ସମର୍ପିତ ଭାବକୁ ହିଁ ଶ୍ରାଦ୍ଧ ରୂପେ ବିବେଚନା କରାଯାଇ କେବଳ ମାତା, ପିତା ନୁହେଁ ବରଂ ଉଭୟଙ୍କ ତିନି ପିଢ଼ିଙ୍କୁ ସ୍ୱଗୋତ୍ରରେ ଆବାହନ କରି ବିଭିନ୍ନ ପାରମ୍ପରିକ ପଦ୍ଧତିରେ ଭକ୍ତିପ୍ଲୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଭଗବାନଙ୍କ ପାଖରେ ସେ ସମସ୍ତଙ୍କ ଆତ୍ମାର ସଦ୍‌ଗତି ଓ ଶାନ୍ତିପ୍ରାପ୍ତି ମାଧ୍ୟମରେ ବୈକୁଣ୍ଠବାସର ପ୍ରାପ୍ତି ନିମନ୍ତେ ପ୍ରାର୍ଥନା କରିବା ଶ୍ରାଦ୍ଧକର୍ମର ଅନନ୍ୟ ମହନୀୟତା ।



ଡ. (ଇଂ) ସଞ୍ଜୟ କୁମାର ପଣ୍ଡା

## ଶ୍ରାଦ୍ଧ ଓ ପିତୃପକ୍ଷର ଭବ୍ୟତା

ମନୁଷ୍ୟ ଜୀବନରେ ମୁଖ୍ୟତଃ ପାଞ୍ଚ ପ୍ରକାର ଋଣୀ ହୋଇଥାଏ । ଯଥା:- ଦେବସ୍ୱ ଋଣୀ, ଋଷୀ ଋଣୀ, ପିତୃ ଋଣୀ, ମନୁଷ୍ୟ ଋଣୀ ଓ ଭୂତ ଋଣୀ । ଦେବତା, ପିତା, ଋଷି, ମାନବ ସମାଜ ଓ ପ୍ରକୃତି ପରିବେଶଠାରୁ ବିଭିନ୍ନ ସୁଯୋଗ, ବସ୍ତୁ ଆଦି ଗ୍ରହଣ କରି ଜୀବନ ସଂଚାଳନ କରୁଥିବାରୁ ହିନ୍ଦୁ ବୈଦିକ ପରମ୍ପରାରେ ଏମାନଙ୍କ ଋଣ ପରିଶୋଧ କରିବା ମନୁଷ୍ୟର ପରମ କର୍ତ୍ତବ୍ୟ ହୋଇଥାଏ । ଏହିକ୍ରମେ ପିତୃଋଣ ପରିଶୋଧ ପାଇଁ ଜୀବିତ ଅବସ୍ଥାରେ ନିଷ୍ଠାପର ସେବା ଓ ଇହକାଳ ସମ୍ବରଣ ପରେ ପିତୃଶ୍ରାଦ୍ଧ କରିବା ପ୍ରତ୍ୟେକ ସନ୍ତାନସନ୍ତତିଙ୍କ ଜୀବନ ଲକ୍ଷ୍ୟ ହେବା ବିଧେୟ । ପିତାମାତାଙ୍କ ସହିତ ତିନିପିଢ଼ିକୁ ଶ୍ରାଦ୍ଧ ପ୍ରଦାନ କରିବା ହିନ୍ଦୁ ଧର୍ମର ସ୍ୱର୍ଗୀୟ ଆଚରଣ । ହିନ୍ଦୁ ଧର୍ମର ଭବିଷ୍ୟ ପୁରାଣର ବିଶ୍ୱାମିତ୍ର ସ୍ମୃତିରେ ଦ୍ୱାଦଶ ପ୍ରକାର ଶ୍ରାଦ୍ଧର ବ୍ୟବସ୍ଥା ରହିଛି ଯଥା: ନିତ୍ୟ,ନୈମିତ୍ତିକ, କାମ୍ୟ, ବୃଦ୍ଧି, ସପିଣ୍ଡନ, ପାର୍ବଣ, ଗୋଷ୍ଠୀ, ଶୁଦ୍ଧ୍ୟର୍ଥ, କର୍ମାଙ୍ଗ, ଦୈବିକ, ଯାତ୍ରାର୍ଥ ଓ ପୁଷ୍ଟ୍ୟର୍ଥ ଶ୍ରାଦ୍ଧ । ଏଥିମଧ୍ୟରୁ ନିତ୍ୟ, ନୈମିତ୍ତିକ, ପାର୍ବଣ, ସପିଣ୍ଡନ ଶ୍ରାଦ୍ଧ ପିତୃ ପୁରୁଷଙ୍କ ମୋକ୍ଷ ନିମନ୍ତେ ସଶ୍ରଦ୍ଧ ସମର୍ପିତ ।

ନିତ୍ୟ ଶ୍ରାଦ୍ଧରେ ପ୍ରତ୍ୟହ ତିଳତର୍ପଣ ଓ ପିତୃପୂଜନ ବ୍ୟବସ୍ଥା ପ୍ରଶସ୍ତିତ ଅଛି । ନୈମିତ୍ତିକ ଶ୍ରାଦ୍ଧ ପିତା, ମାତାଙ୍କ ମୃତ୍ୟୁ ମାସ ଓ ତିଥିରେ ପାଳନ କରାଯାଏ । ସପିଣ୍ଡନ ଶ୍ରାଦ୍ଧ ପିତା, ମାତାଙ୍କ



ମୃତ୍ୟୁରେ ଦ୍ୱାଦଶ ଦିବସ ପର୍ଯ୍ୟନ୍ତ ପାଳନ କରାଯାଏ । ପାର୍ବଣ ଶ୍ରାଦ୍ଧକୁ ସର୍ବ ପିତୃଶ୍ରାଦ୍ଧ ବା ପିତୃପକ୍ଷ ଶ୍ରାଦ୍ଧ କୁହାଯାଏ, ଯାହାକି ଭାଦ୍ରବ ପୂର୍ଣ୍ଣମୀଠାରୁ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଅନୁସୃତ ହୁଏ । ପ୍ରକୃତରେ ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦାଠାରୁ ଆଶ୍ୱିନ ମାସ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ପଞ୍ଚଦଶ ଦିବସର ପାକ୍ଷିକ ଶ୍ରାଦ୍ଧ ତିଥି ରହିଥାଏ । କିନ୍ତୁ ଯିଏ ପୂର୍ଣ୍ଣିମାରେ ମୃତ୍ୟୁ ବରଣ କରିଥିବେ, ତାଙ୍କ ତିଥି କୃଷ୍ଣପକ୍ଷରେ ସମ୍ଭବ ହେଉ ନଥିବାରୁ ଭାଦ୍ରବ ପୂର୍ଣ୍ଣମୀକୁ ଏହି ପକ୍ଷରେ ସମ୍ମିଳିତ କରାଯିବାରୁ ଏହାକୁ ଷୋହଳ ଦିନାତ୍ମକ ପିତୃପକ୍ଷ ରୂପେ ବିବେଚନା କରାଯାଏ ।

ପିତୃପକ୍ଷ ପାର୍ବଣ ଆଶ୍ୱିନ ମାସରେ ଅନୁପାଳିତ ହୋଇଥାଏ; ଏଣୁ ଏହାକୁ ପାର୍ବଣ ଶ୍ରାଦ୍ଧ ମଧ୍ୟ କୁହାଯାଏ । ପିତୃ ପୁରୁଷଙ୍କ ମୃତ୍ୟୁ ତିଥି ଅବଲମ୍ବନରେ ଏହି ପାର୍ବଣ ତିଥିରେ ପିତୃଶ୍ରାଦ୍ଧ ପାଳନ କରାଯିବା ଉଚିତ । କିନ୍ତୁ କୌଣସି କାରଣବଶତଃ ନିର୍ଦ୍ଦିଷ୍ଟ ତିଥିରେ ପାଳିତ ନ ହେଲେ ଯେ କୌଣସି ଦିନ କିମ୍ବା ମହାଳୟାରେ ସମାପନ କରିବାର ବିଧି ରହିଛି । ଏଥି ସହ ନବମୀ ତିଥିକୁ ମାତୃଶ୍ରାଦ୍ଧ ଦିବସ ରୂପେ ପାଳନ କରାଯାଏ, ଯେଉଁ ଦିନ କନ୍ୟାଗଣ ମାତୃକୁଳକୁ ଶ୍ରାଦ୍ଧ ତର୍ପଣ କରିଥାନ୍ତି ।

ପିତୃପକ୍ଷ ଶ୍ରାଦ୍ଧରେ ଅନ୍ୟ ଶ୍ରାଦ୍ଧ ପରି ସୂର୍ଯ୍ୟପୂଜା, ସପ୍ତ ଋଷି ପୂଜନ, ତିଳ ତର୍ପଣ, ବୈଶ୍ୱଦେବ ପୂଜନ ତଥା ପିତା ଓ ମାତାକୁଳ ପୂଜନ ବ୍ୟବସ୍ଥା ରହିଛି । ନିତ୍ୟ, ନୈମିତ୍ତିକ ଓ ସପିଣ୍ଡି ଶ୍ରାଦ୍ଧ ପରି ଏଠାରେ ଜଳ ତିଳ ମିଶ୍ରଣ କରି ଦକ୍ଷିଣାଭିମୁଖୀ ହୋଇ ତିଳତର୍ପଣ କରାଯାଏ । ଏଥି ସହ ବୈଶ୍ୱଦେବଙ୍କୁ ପଶ୍ଚିମାଭିମୁଖୀ ଓ ପିତୃଦେବଙ୍କୁ ଦକ୍ଷିଣାଭିମୁଖୀ ହୋଇ ଅନ୍ନ, ଘୃତ, କ୍ଷିରୀ, ପିଷ୍ଟକ ଓ ଅନ୍ୟାନ୍ୟ ବ୍ୟଞ୍ଜନରେ ନିର୍ମିତ ପିଣ୍ଡଗୋଳା ପ୍ରସ୍ତୁତ କରି ଗୌତ୍ର ନାମରେ ତ୍ରିପୁରୁଷଙ୍କୁ ପିଣ୍ଡଦାନ କରାଯାଏ । ଏଣୁ ବର୍ଣ୍ଣିତ ଅଛି:-




**ନାମ ଗୋତ୍ରଂ ଚ ମନ୍ତ୍ରଶ୍ଚ ଦତ୍ତମନ୍ନମ ନୟନ୍ତି ନମ**
**ଅପି ଯୋନିଶତମ ପ୍ରାପ୍ତାନ୍ତତୃପ୍ତିସାନ୍ତନୁଗଚ୍ଛନ୍ତି ।**
**(ବାୟୁପୁରାଣ)**

ପିତୃପୁରୁଷଙ୍କ କେବଳ ଭକ୍ତି ଭାବରେ ପୂଜନ ଓ ସନ୍ତୁଷ୍ଟ କରାଯାଏ । ଏମାନେ ଦେବତୁଲ୍ୟ ହୋଇଥିବାରୁ ପିତୃପୁରୁଷଙ୍କ ସନ୍ତୁଷ୍ଟିରେ ସର୍ବବାଧା ବିନଷ୍ଟ ହେବା ସହ ପାରିବାରିକ ସୁଖ, ଶାନ୍ତି ଓ ବୈଭବ ପ୍ରାପ୍ତି ହୋଇଥାଏ । ଏଣୁ ବିଷ୍ଣୁ ପୁରାଣରେ ଉଲ୍ଲିଖିତ ଅଛି-




**ନ ମସ୍ତି ବିତ୍ତଂ ନଧନଂ ଚ ନାନ୍ୟଚ୍ଛ**
**ଶ୍ରାଦ୍ଧୋପଯୋଗ୍ୟମ ସ୍ୱପିତୃନ୍ନତୋସ୍ମି**
**ତୃପ୍ୟନ୍ତୁ ଭକ୍ତ୍ୟା ପିତରୋ ମୟୋତୌ**
**କୃତୌ ଭୂଜୌ ବର୍ତ୍ତମନି ମାରୁତସ୍ୟ ।**

## ପିତୃପକ୍ଷରେ ଆଧ୍ୟାତ୍ମିକ ଚିନ୍ତନ



ପିତୃପକ୍ଷରେ ଶ୍ରାଦ୍ଧ ପ୍ରଦାନ କଲେ ପିତୃଲୋକରେ ଅବସ୍ଥିତ ତିନି ପୁରୁଷ ମଧ୍ୟରୁ ଏକ ପୁରୁଷ ସ୍ୱର୍ଗାଲୋକଗମନ କରିଥାନ୍ତି । ପିତୃକୁଳରେ ପିତା, ପିତାମହ, ପ୍ରପିତାମହ, ବୃଦ୍ଧ ପ୍ରପିତାମହ ଓ ମାତା, ମାତାମହ, ପ୍ରମାତାମହ, ବୃଦ୍ଧପ୍ରମାତାମହ ରହିଥାନ୍ତି । ପିତୃଶ୍ରାଦ୍ଧରେ ପ୍ରଥମ ତିନି କୁଳଙ୍କୁ ଶ୍ରାଦ୍ଧ ପ୍ରଦାନ କଲେ ସର୍ବପ୍ରାଚୀନ ପିଢ଼ି ବୃଦ୍ଧ ପ୍ରପିତାମହ ସ୍ୱର୍ଗାଲୋକଗମନ କରନ୍ତି । ହିନ୍ଦୁ ଶାସ୍ତ୍ର ମତରେ ପିତୃପକ୍ଷ ଏକ ପବିତ୍ର ମୁହୂର୍ତ୍ତ, ଯାହାର ପ୍ରାରମ୍ଭରେ ଗଣେଶ ବିସର୍ଜନ ଓ ଶେଷରେ ନବରାତ୍ର ପୂଜନ ପ୍ରାରମ୍ଭିତ ହୁଏ । ଅର୍ଥାତ୍ ବିଲୟ ଓ ସୃଷ୍ଟିର ଚକ୍ର ମଧ୍ୟରେ ପିତୃପୁରୁଷ ପୂଜନ ନିଶ୍ଚିତ ରୂପେ ଗୁଢ଼ ତତ୍ତ୍ୱ ବହନ କରେ ।



ହିନ୍ଦୁ ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ କର୍ଣ୍ଣଙ୍କ ସ୍ୱର୍ଗାରୋହଣ ପରେ ସ୍ୱର୍ଗାଲୋକରେ ଅନ୍ନ ପ୍ରାପ୍ତ ନ ହେବାରୁ ସେ ଇନ୍ଦ୍ରଙ୍କ ସହାୟତାରେ ଏହାର କାରଣ ଜିଜ୍ଞାସା କଲେ । ପୃଥିବୀ ପୃଷ୍ଠରେ ନିଜ ପିତୃପୁରୁଷଙ୍କୁ ଶ୍ରାଦ୍ଧରେ ପିଣ୍ଡଦାନ କରି ନଥିବାରୁ ଏହି ଦଶା ଭୋଗିଲେ । ଏଥିରୁ ପରିତ୍ରାଣ ନିମନ୍ତେ ଯମରାଜାଙ୍କ ସମୀପରେ ଅନୁନୟ ହୋଇ ପିତୃପକ୍ଷରେ ପୃଥିବୀ ପୃଷ୍ଠକୁ ଗମନ କରି ପିତୃଶ୍ରାଦ୍ଧ କରିଥିଲେ ଓ ପିତୃଦୋଷରୁ ମୁକ୍ତ ହେଲେ । ଏହି ସମୟରୁ ପିତୃପକ୍ଷ ପାଳନ ହେଉଥିବା ବିଶ୍ୱାସ କରାଯାଏ ।

ଠିକ୍ ସେହିପରି ମାତା ସୀତାଙ୍କ ବନବାସ ସମୟରେ ଫଲଗୁ ନଦୀ କୂଳରେ ଦଶରଥଙ୍କୁ ବାଲୁକା ପିଣ୍ଡଦାନ ଗୟା ତୀର୍ଥସ୍ଥାନର ମହତ୍ୱ ପ୍ରତିପାଦିତ କରୁଛି । ଏହି ସମୟରେ ବିଳମ୍ବରେ ଆଗମନ କରିଥିବା ଶ୍ରୀରାମ ଓ ଲକ୍ଷ୍ମଣଙ୍କ ସମ୍ମୁଖରେ ମିଥ୍ୟା କହିଥିବାରୁ ଗାବ, ଫଲଗୁ ଓ କାକଭୁଷୁଣ୍ଡିଙ୍କ ଶାପଗ୍ରସ୍ତ ଓ କଳ୍ପ ବୃକ୍ଷ ସତ୍ୟ ଆଚରଣ କରିଥିବାରୁ ବରଦାନ ପ୍ରାପ୍ତ କରିଥିବା ପୌରାଣିକ ବର୍ଣ୍ଣନା ପିତୃପକ୍ଷର ଆଧ୍ୟାତ୍ମିକତା ପ୍ରତିପାଦନ କରୁଛି ।

ପୁନଶ୍ଚ ଧନ୍ୱନ୍ତରୀ ନିଜର ମୃତ୍ୟୁପରେ ଶିଷ୍ୟମାନଙ୍କୁ ଶରୀର ମାଂସଭକ୍ଷଣ କରି ତାଙ୍କ ପରି ସୁଗୁଣ ସମ୍ପନ୍ନ ହେବାକୁ ପରାମର୍ଶ ଦେଇଥିଲେ । ମାତ୍ର ଯମରାଜାଙ୍କ କୁପ୍ରରୋଚନାରେ ଶିଷ୍ୟଗଣ



କଟା ଶରୀର ମାଂସ ଫୋପାଡ଼ି ଦେଲେ । ଏହାକୁ କାକ, ପିମ୍ପୁଡ଼ି ଓ ଚେତା ନାମ୍ନୀ ଏକ ମୋଚି ସ୍ତ୍ରୀ ଭକ୍ଷଣ କରିବାରୁ ଅମର ହୋଇଗଲେ । ଏଣୁ କାକ ଓ ପିମ୍ପୁଡ଼ି ପିଣ୍ଡ ଭକ୍ଷଣ କଲେ ପିତୃଲୋକରେ ପିତୃଗଣ ପ୍ରାପ୍ତ କରନ୍ତି । ପୁନଶ୍ଚ ଆଜି ମଧ୍ୟ ଆୟୁର୍ବେଦୀ ବୈଦ୍ୟଗଣ ଔଷଧ ଚିଠା ଲେଖିଲାବେଳେ ପ୍ରଥମେ ଚେତା ଲେଖି ରୋଗୀର ଦୀର୍ଘାୟୁ କାମନା କରନ୍ତି ।







## ପିତୃପକ୍ଷ ଶ୍ରାଦ୍ଧର ବୈଜ୍ଞାନିକ ଚିନ୍ତନ

ଜନ୍ମ ମୃତ୍ୟୁ ଚକ୍ରରେ ଜୀବନ ଚଳଚଞ୍ଚଳ ହୋଇଥାଏ। ଆତ୍ମା ଅବିନଶ୍ୱର ହୋଇଥିବାରୁ ଜୈବ ବିବର୍ତ୍ତନବାଦ ହେତୁ ବଂଶାନୁକ୍ରମିକ ପାରିବାରିକ ଲକ୍ଷ୍ୟ, ଆଦର୍ଶ ଓ ଆଭିଜାତ୍ୟ ପ୍ରଶସ୍ତିତ ହୋଇଥାଏ। ଏ ସମସ୍ତ ତତ୍ତ୍ୱର ସଂରକ୍ଷଣ ଓ ପ୍ରସାରଣ ହିଁ ପିତୃପୁରୁଷଙ୍କ ପ୍ରତି ଅମୂଲ୍ୟ ପ୍ରତିଦାନ ଓ ସମ୍ମାନ ହେବ। ତତ୍‌ସହିତ ବ୍ରହ୍ମାଣ୍ଡର ପୁଣ୍ୟ ତତ୍ତ୍ୱ ଭାବେ ପିତୃଶ୍ରାଦ୍ଧରେ ସମାହିତ ବିଭିନ୍ନ ପ୍ରଜାତି ପଦାର୍ଥ ପିତୃପକ୍ଷ ଉପାସନା ପଦ୍ଧତିକୁ ଅନନ୍ୟ ଓ ଦିବ୍ୟ କରିଥାଏ। ଏହି ପଦ୍ଧତିରେ ସ୍ତନ୍ୟପାୟୀ ପ୍ରାଣୀ, ପକ୍ଷୀ, ନିର୍ଝରଣୀ ଆଦିର ଉପାସନା ରହିଛି, ଯାହା ହିନ୍ଦୁଧର୍ମର ବିଶାଳତା ପ୍ରଦର୍ଶନ କରୁଛି। ଗାଈକୁ ପିଣ୍ଡ ଖାଦ୍ୟଦାନ, କୁଆ ଦ୍ୱାରା ପିଣ୍ଡ ଭକ୍ଷଣ ଓ ଗଙ୍ଗାଜଳରେ ତିଳତର୍ପଣ ଓ ଅସ୍ଥିବିସର୍ଜନ ପରମ୍ପରା ହିନ୍ଦୁଧର୍ମରେ ମନୁଷ୍ୟ ଜୀବନ ସହ ଜୀବ ଓ ଜଡ଼ ଜଗତର ସମ୍ପର୍କକୁ ସୂଚୀତ କରେ। ପଞ୍ଚଭୂତରେ ନିର୍ମିତ ଶରୀର କେବଳ ପଞ୍ଚଭୂତରେ ସମର୍ପଣ ଭାବ ଜାଗ୍ରତ କରିବା ନୀତି, ଆଦର୍ଶଗତ ବୈଜ୍ଞାନିକ ଚିନ୍ତନ ହୋଇପାରେ।

ପିତୃପକ୍ଷ ଶ୍ରାଦ୍ଧ ସମୟରେ ତମ୍ବା ଓ ପିତ୍ତଳ ପାତ୍ରର ବ୍ୟବହାର ଶୁଦ୍ଧତାର ପ୍ରତୀକ ହୋଇଥାଏ। ଏହା କୀଟାଣୁମୁକ୍ତ ହେବା ସହ ଏହାର ବ୍ୟବହାରରେ ଜଳ, ଖାଦ୍ୟ ଆଦି ପବିତ୍ର, ସତେଜ ହୋଇଥାଏ। ଏଥିରେ ସଂରକ୍ଷିତ ଜଳ ଗ୍ରହଣ କଲେ ଶରୀରରୁ ବିଷ କ୍ରିୟା ପ୍ରଶମନ ହୋଇଥାଏ। ଏହି ପାତ୍ରରେ ଖାଦ୍ୟ ପରିବେଷଣ ଓ ସଂରକ୍ଷଣ କଲେ ଏହା ବହୁ ସମୟ ପର୍ଯ୍ୟନ୍ତ ଖାଦ୍ୟପଯୋଗୀ ରହିଥାଏ। ଏଥିସହ ଏହାର ବ୍ୟବହାରରେ ମାନସିକ ଶାନ୍ତି ଓ ପବିତ୍ରତା ବଜାୟ ରହେ।

ହିନ୍ଦୁଧର୍ମରେ ଗୋମାତା ଅତ୍ୟନ୍ତ ପବିତ୍ର ଅଟେ। ପିତୃଶ୍ରାଦ୍ଧରେ ଗୋମାତାଙ୍କୁ ଖାଦ୍ୟ ପ୍ରଦାନ କଲେ ଏହା ପରିବେଶ ପ୍ରତି ଉତ୍ତମ ପ୍ରଭାବ ପକାଇବା ସହ ପିତୃକୁଳକୁ ପ୍ରାପ୍ତ ହେବାର ବିଶ୍ୱାସ ରହିଛି। ଏହାର ପ୍ରତିବଦଳରେ ଗୋମାତାର ମୂତ୍ର, ଗୋବର, ଦୁଗ୍ଧ ଓ ଅନ୍ୟାନ୍ୟ ଦ୍ରବ୍ୟ ସମାଜ ପ୍ରତି ବରଦାନ ହୋଇଥାଏ।



ପିତୃଶ୍ରାଦ୍ଧ ଗୃହରେ ସମ୍ପାଦିତ ହେବା ସହ ପିପ୍ପଳ ଓ କଳ୍ପବଟ ମୂଳରେ ଅନୁଷ୍ଠିତ ହୁଏ। ପିପ୍ପଳ ଏପରି ଏକ ପୁଣ୍ୟ ବୃକ୍ଷ ଯିଏକି ଦିବାରାତ୍ର ଅମ୍ଳଜାନ ପ୍ରଦାନ କରି ପରିବେଶକୁ ନିର୍ମଳ ରଖିଥାଏ। କଳ୍ପବଟରେ ସ୍ୱୟଂ ଲକ୍ଷ୍ମୀ ନାରାୟଣଙ୍କ ବାସ ହୋଇଥାଏ। ଗୟା ସହ ପୁରୀ ତଥା ଅନ୍ୟ ଅଞ୍ଚଳରେ କଳ୍ପବଟ ମୂଳେ ପିଣ୍ଡଦାନ ଓ ତିଳ ତର୍ପଣ କଲେ ସିଧାସଳଖ ପିତୃପୁରୁଷଙ୍କୁ ପ୍ରାପ୍ତି ହେବା ସହ ମୋକ୍ଷ ପ୍ରାପ୍ତି ହୁଏ।



କାକଙ୍କୁ ପିଣ୍ଡଖାଦ୍ୟ ପ୍ରଦାନ କରିବା ହିନ୍ଦୁଧର୍ମର ଅନନ୍ୟ ଆଚରଣ। ପିତୃପକ୍ଷ ସମୟରେ କାକଙ୍କ ମିଳନ ଓ ପ୍ରଜନନ ସମ୍ଭବ ହୋଇଥାଏ। ଏହି ସମୟରେ ଏମାନେ ପିଣ୍ଡ ଅନ୍ନ ଭକ୍ଷଣ କରି ସୁସ୍ଥ ରହିଥାନ୍ତି। ଏମାନେ ବର ଓ ପିପ୍ପଳ ଫଳ ଭକ୍ଷଣ କଲେ ପାକସ୍ଥଳୀରେ ପ୍ରକ୍ରିୟାକରଣ କରି ମଳଦ୍ୱାରା ନିର୍ଗତ କଲେ କଳ୍ପବଟ ଓ ପିପ୍ପଳ ବୃକ୍ଷର ଅଙ୍କୁରରୋପଣ ହୋଇଥାଏ। ଯଦ୍ୱାରା ଏହି ବୃକ୍ଷମାନଙ୍କ ବଂଶ ବୃଦ୍ଧି ହୁଏ। ପିତୃପୁରୁଷଙ୍କ ଦ୍ୱାରା ଆଚରିତ ଏହି ପଦ୍ଧତି ପ୍ରତ୍ୟକ୍ଷ ଭାବେ ପ୍ରକୃତି ଓ ଆଧାତ୍ମିକ ଶକ୍ତିକୁ ସମୃଦ୍ଧ କରିଥାଏ।

## ପିତୃପକ୍ଷ ଶ୍ରାଦ୍ଧର ଜ୍ୟୋତିଷ ବିଜ୍ଞାନର ତତ୍ତ୍ୱ

ପିତୃପକ୍ଷ ଶ୍ରାଦ୍ଧରେ ହସ୍ତ ପାପୁଲିର ପ୍ରୟୋଗ ହୁଏ। ଅଙ୍ଗୁଠିର ମୂଳକୁ ତାମସିକ, ମଧ୍ୟଭାଗକୁ ରାଜସିକ ଓ ଅଗ୍ରଭାଗକୁ ସାତ୍ତ୍ୱିକ ତତ୍ତ୍ୱରେ ସୂଚୀତ କରାଯାଏ। ଏଥିସହ ବୃଦ୍ଧାଙ୍ଗୁଷ୍ଠିକୁ ପୁରୁଷାର୍ଥ ଓ ମୁଦ୍ରିକାଙ୍ଗୁଠି, ମଧ୍ୟାଙ୍ଗୁଠି, କନିଷ୍ଠ ଆଙ୍ଗୁଠି ଓ ତର୍ଜନୀ ଆଙ୍ଗୁଷ୍ଠିକୁ ଯଥାକ୍ରମେ ଚତୁର୍ବର୍ଗ ଯଥା:- ଧର୍ମ, ଅର୍ଥ, କାମ ଓ ମୋକ୍ଷ ଭାବେ ବିବଚେନା କରାଯାଏ। ତିଳତର୍ପଣ ସମୟରେ ତାମସିକ ପ୍ରାନ୍ତରୁ ସାତ୍ତ୍ୱିକ ପ୍ରାନ୍ତ ଦେଇ ଜଳଦାନ କଲେ ପିତୃପୁରୁଷଙ୍କୁ ପୁରୁଷାର୍ଥ ଲାଭ ହେବା ବିଶ୍ୱାସ ରହିଛି। ବୃଦ୍ଧାଙ୍ଗୁଠି ବ୍ୟତିରେକ ଅନ୍ୟ ଚାରି ଆଙ୍ଗୁଳିର ତଳେ ପାପୁଲିରେ ଥିବା ପର୍ବତରେ ସୂର୍ଯ୍ୟ, ଶନି, ବୁଧ ଓ ବୃହସ୍ପତି ବାସ କରୁଥିବାରୁ ଏହା ଅତିକ୍ରମ କରି ତିଳତର୍ପଣ କଲେ ଦେବତା, ସପ୍ତଋଷି ଓ ପିତୃପୁରୁଷ ଅତ୍ୟନ୍ତ ସନ୍ତୋଷ ହୋଇଥାନ୍ତି। ପୂର୍ବଦିଗରେ ସୂର୍ଯ୍ୟ ଓ ଅନ୍ୟ ଦେବତା, ପଶ୍ଚିମରେ ବୈଶ୍ୱଦେବ, ଦକ୍ଷିଣ ଦିଗରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା ବେଳେ ଶବ୍ୟ ଓ ଅପଶବ୍ୟ ହେବା ବିଧି ମଧ୍ୟ ହିନ୍ଦୁଧର୍ମର ଅନନ୍ୟ ଧାର୍ମିକ ଅବଲମ୍ବନ।





ପିତୃଶ୍ରାଦ୍ଧ ହିନ୍ଦୁଧର୍ମର ଆଧାତ୍ମିକ ଚିନ୍ତା ଚେତନର ଜ୍ୱଳନ୍ତ ଉଦାହରଣ ହେବା ସହ ଏହାର ସାମାଜିକ ଓ ବୈଜ୍ଞାନିକ ଭିତ୍ତିଭୂମି ସର୍ବଦା ପ୍ରେରଣାଦାୟୀ। ହିନ୍ଦୁ ଯେ ମନୁଷ୍ୟର ଜୀବନକୁ ଆଧାତ୍ମିକ ଶକ୍ତିରେ ଅଭୟ ବର ପ୍ରଦାନ କରିଥାଏ ତାହା ନୁହେଁ, ବରଂ ବଂଶାନୁକ୍ରମିକ ଧାରାରେ ପୂର୍ବ ପୁରୁଷଙ୍କ ସହ ଆତ୍ମୀୟ ଭାବ ଜାଗ୍ରତ କରିବା ସହ ପ୍ରକୃତି ସହ ନିବିଡ଼ତା ସୂତ୍ରରେ ଅନୁବନ୍ଧିତ କରି ସକଳ ସୁରକ୍ଷା ପ୍ରଦାନ କରିଥାଏ। ସାଂସାରିକ ମାୟା ବନ୍ଧନରେ ପରସ୍ପର ପ୍ରତି ଅନୁକମ୍ପା, ସ୍ନେହ, ଶ୍ରଦ୍ଧା ସହ ଉଦ୍ଭିଦ, ପ୍ରାଣୀ ଓ ଜଡ଼ ଜଗତ ସହ ନୈସର୍ଗିକ ସମ୍ପର୍କରେ ବାନ୍ଧି ରଖିବାର ଅନନ୍ୟ ପରମ୍ପରା ହିଁ ପିତୃଶ୍ରାଦ୍ଧ ପଦ୍ଧତି। ପିତୃକୁଳ କୃପା ବର୍ଷା ହେଲେ ସମଗ୍ର ପିତୃଦୋଷ ବିନାଶ ହେବା ସହ ପାରିବାରିକ ଓ ସାମାଜିକ ବିଭବ ବୃଦ୍ଧି ପାଇବାର ବିଶ୍ୱାସ ସନ୍ତାନ ସନ୍ତତିକୁ ଭକ୍ତିଭାବରେ ଶ୍ରାଦ୍ଧ ପାଳନ କରିବାର ସୁଯୋଗ ସୃଷ୍ଟି କରି ଅନୁଗୃହୀତ କରିଥାଏ। ■

ପ୍ରାକ୍ତନ ଅର୍ଥ କମିଟି ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର
ମୋ: ୯୪୩୭୦୪୯୦୯୯

# ମହାନ ପୁରୁଷଙ୍କ ଆଳୟ ମହାଳୟା



ଡକ୍ଟର ସମୀର କୁମାର ନନ୍ଦ


**ହିନ୍ଦୁଧର୍ମରେ ପିତୃପକ୍ଷକୁ ମହତ୍ତ୍ୱ ଦିଆଯାଇଥାଏ । ଶାସ୍ତ୍ର ଅନୁସାରେ ଏହି ମାସରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଅର୍ପଣ କଲେ, ସେମାନଙ୍କ ଆତ୍ମାକୁ ଶାନ୍ତି ମିଳିଥାଏ ଏବଂ ପୂର୍ବଜମାନେ ଖୁସି ହୋଇ ଆମକୁ ଆଶୀର୍ବାଦ ପ୍ରଦାନ କରିଥାଆନ୍ତି । ପିତୃପକ୍ଷ ପିତୃପୁରୁଷଙ୍କୁ ସମର୍ପିତ ହୋଇଥାଏ । ଶ୍ରାଦ୍ଧ ଓ ପିଣ୍ଡଦାନ ଦ୍ୱାରା ପିତୃପୁରୁଷଙ୍କୁ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି ।**



ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦଠାରୁ ଅମାବାସ୍ୟା ପର୍ଯ୍ୟନ୍ତ କାଳ ବା ପକ୍ଷକୁ ପିତୃପକ୍ଷ କୁହାଯାଏ । ଏହି ସମୟ ପିତୃ ଉପାସନାର ପ୍ରକୃଷ୍ଟ ସମୟ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି । ଏହି ସମୟରେ ହେମନ୍ତ ଋତୁ ଧରାପୃଷ୍ଠରେ ପ୍ରବେଶ କରେ ଓ 'ଭଗ ନାମକ ହିରଣ୍ୟ ରେତସ ସୂର୍ଯ୍ୟ' କନ୍ୟା ରାଶିକୁ ସ୍ପର୍ଶ କରନ୍ତି ଅର୍ଥାତ୍ ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦ ତିଥି ଆରମ୍ଭ ହୁଏ । କୁହାଯାଏ ଯେ, ଏହି ସମୟରେ ପିତୃଲୋକର ସବୁ ଅତୃପ୍ତ ପ୍ରେତ ପ୍ରେତତ୍ତ୍ୱରୁ ମୁକ୍ତି ପାଇଥାନ୍ତି । ତେଣୁ ଅବିମୁକ୍ତ ଥିବା ପ୍ରେତମାନେ ଏହି ସୂର୍ଯ୍ୟଙ୍କର କିରଣକୁ ସହ୍ୟ କରିପାରନ୍ତି ନାହିଁ । ତେଣୁ ପିତୃଲୋକମାନେ କନ୍ୟା ସଂଯୁକ୍ତ ହୋଇ ତିଳୋଦକ ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି । ଯଦି ପୁତ୍ର ବା ବଂଶଜମାନେ ତିଳ ତର୍ପଣ ନ କରନ୍ତି, ତେବେ ପିତୃପୁରୁଷମାନେ ଉତ୍‌କ୍ଷିପ୍ତ ହୋଇ ଅଭିଶାପ ପ୍ରଦାନ କରନ୍ତି । ଆଶ୍ୱିନ ମାସର ଚାନ୍ଦ୍ରମାସ ପକ୍ଷ ବା କୃଷ୍ଣପକ୍ଷ ପୃଥିବୀ ପୃଷ୍ଠଟି ମହାଆଳୟରେ ପରିଣତ ହୋଇଥାଏ । ପିତୃ ଓ ଅବିମୁକ୍ତ ପିତୃ ଉଭୟ ଶ୍ରଦ୍ଧା କାମନାରେ ନିଜ ଗୃହରେ ଉପଗତ ହୋଇଥାଆନ୍ତି ।



ପର୍ବପର୍ବାଣି ଠିକ୍ ପାଖେଇ ଆସୁଛି; ଦେବୀ ଦୁର୍ଗା ଦୁଷ୍ଟ ରାକ୍ଷସ ମହିଷାସୁରକୁ ପରାସ୍ତ କରିବା ପରେ ତାଙ୍କର ଅବତରଣ ଆରମ୍ଭ କରିଛନ୍ତି । ଏହି ବିଜୟକୁ



ମନେ ପକାଇବା ପାଇଁ, ଆମର 'ମହାଳୟା'ର ଶୁଭ ଦିନ । ଏହି ବାର୍ଷିକ ଉତ୍ସବ କେବଳ ଧାର୍ମିକ ଏବଂ ଆଧ୍ୟାତ୍ମିକ ମହତ୍ତ୍ୱ ରଖେ ନାହିଁ, ଏହା ଆମକୁ ସତ୍ୟର ଶକ୍ତି, ସାହସ ଏବଂ ଶେଷରେ ଭଲ ସର୍ବଦା ମନ୍ଦ ଉପରେ ବିଜୟ ଲାଭ କରିବ ଏହି ସାର୍ବଜନୀନ ସତ୍ୟକୁ ମଧ୍ୟ ମନେ ପକାଇଥାଏ ।

ପ୍ରାରମ୍ଭରେ, ମହାଳୟା ଦିନଟି ଦେବୀ ପକ୍ଷର ଆରମ୍ଭ ଏବଂ ପିତୃପକ୍ଷର ଶେଷକୁ ଚିହ୍ନିତ କରେ, ଯାହାର ପରବର୍ତ୍ତୀ, ଶୋକର ସମୟ । ପିତୃପକ୍ଷ ସମୟ ମଧ୍ୟରେ ଶ୍ରାଦ୍ଧ କିମ୍ବା ମୃତ୍ୟୁ ବ୍ରତ କରାଯାଏ । ହିନ୍ଦୁ ପରମ୍ପରାରେ ଶ୍ରାଦ୍ଧ ତର୍ପଣ ଆଦି ଅନୁଷ୍ଠାନ କରିବା ପ୍ରଥା ବହୁ ପ୍ରାଚୀନ । ଯେହେତୁ ସମସ୍ତେ ଅମର ଥିଲେ ତେଣୁ ପିତୃଶ୍ରାଦ୍ଧର ବ୍ୟବସ୍ଥା ସୃଷ୍ଟି ଆରମ୍ଭରୁ ନଥିଲା । ଅତ୍ରି ଋଷିଙ୍କ ପ୍ରପୌତ୍ରର ଅକାଳ ମୃତ୍ୟୁ ପରେ ତାଙ୍କରି ଅନୁମୋଦନ କ୍ରମେ ପିତୃଶ୍ରାଦ୍ଧର ପ୍ରଚଳନ ଆରମ୍ଭ ହେଲା ।

## ପୁରାଣରେ ପିତୃପକ୍ଷ

କିମ୍ବଦନ୍ତୀ ଅନୁସାରେ ଦ୍ୱାପର ଯୁଗରେ ମହାଭାରତର ଦାନବୀର କର୍ଣ୍ଣ ତାଙ୍କ ଜୀବନ କାଳ ମଧ୍ୟରେ କେବଳ ସୁନା, ରୁପା ଆଦି ଧନରତ୍ନ ଦାନ କରିଥିଲେ, କିନ୍ତୁ ଅନ୍ନ ଦାନ ପରି ମହତ ଦାନ କେବେ କରିନଥିଲେ । ଫଳରେ ସେ ପରଲୋକ ଗମନ କଲାପରେ ତାଙ୍କୁ ସେଠାରେ ଖାଇବା ପାଇଁ ଅନ୍ନ ବଦଳରେ କେବଳ ସୁନା, ରୁପା ଆଦି ଦିଆଯାଇଥିଲା । ସେଥିରେ ସେ ବହୁତ କଷ୍ଟ ପାଇଥିଲେ । ପ୍ରତିକାର ସ୍ୱରୂପ ସେ ମର୍ତ୍ତ୍ୟଲୋକକୁ ପୁନର୍ବାର ଫେରି ଆସି ବ୍ରାହ୍ମଣମାନଙ୍କୁ ଅନ୍ନଦାନ କରିଥିଲେ । ତାପରେ ଯାଇ ତାଙ୍କୁ ଯମଲୋକରେ ଖାଇବାକୁ ଅନ୍ନ ମିଳିଥିଲା । ସେ ମର୍ତ୍ତ୍ୟଲୋକରେ ଯେଉଁ ଚଉଦ ଦିନ ଆସି ରହିଥିଲେ ସେ ସମୟକୁ ପିତୃପକ୍ଷ କୁହାଯାଏ ।


ପ୍ରୟାଗରାଜ


ଅଯୋଧ୍ୟା

## ପିଣ୍ଡଦାନ ଓ ତିଳ ତର୍ପଣ ପାଇଁ ପବିତ୍ର ପୀଠ

ଆମ ହିନ୍ଦୁ ଧର୍ମରେ ବିଶ୍ୱାସ କରାଯାଏ, ପିତୃପକ୍ଷରେ ପୁତ୍ରଙ୍କ ହସ୍ତରୁ ଜଳ ଟିକେ ପାଇଁ ତୃପ୍ତ ହେବାକୁ ପିତୃଗଣ ଚାହିଁ ରହିଥାନ୍ତି ବୋଲି, ନଚେତ ପିତୃଦୋଷ ଲାଗେ । ଏହି ସମୟରେ ଅସ୍ଥି ବିସର୍ଜନ ମଧ୍ୟ କରାଯାଇଥାଏ । ସେଥିପାଇଁ ଏହି ପକ୍ଷରେ ପ୍ରୟାଗରାଜ, ଗୟା, ପୁଷ୍କର, ବନାରସ, ହରିଦ୍ୱାର ଆଦି ତୀର୍ଥସ୍ଥାନ ସମେତ ଓଡ଼ିଶାର ବିନ୍ଦୁ ସାଗର, ବାଇଶି ପାହାଚ, ପାଞ୍ଚ ପୁଷ୍କରିଣୀ କିମ୍ବା ମହୋଦଧିଗୁଡ଼ିକରେ ପିଣ୍ଡଦାନ, ତିଳ ତର୍ପଣ ଇତ୍ୟାଦି ପାଇଁ ଭିଡ଼ ହୋଇଥାଏ । ଯେଉଁମାନେ ଏହି ପକ୍ଷ ଭିତରେ ଏସବୁ କରି ପାରନ୍ତି ନାହିଁ, ସେମାନେ ପକ୍ଷର ଶେଷ ଦିନ ଅର୍ଥାତ ମହାଳୟା ଦିନ ଶ୍ରାଦ୍ଧ ତର୍ପଣ କରନ୍ତି ।


ଓଡ଼ିଶା


ଗୟା


## ଶ୍ରାଦ୍ଧର ପ୍ରକାର ଭେଦ

ଆମ ସନାତନ ଧର୍ମରେ ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଆମେ ଦୁଇ ପ୍ରକାରର ଶ୍ରାଦ୍ଧ ହେବାର ଦେଖିଥାଉ । ଗୋଟିଏ ହେଲା ଏକୋଦିଷ୍ଟ ଶ୍ରାଦ୍ଧ ଓ ଅନ୍ୟଟି ପାର୍ବଣ ଶ୍ରାଦ୍ଧ । ଏକୋଦିଷ୍ଟ ଶ୍ରାଦ୍ଧ ହେଉଛି ଏକ ହିନ୍ଦୁ ବିଧି ଯାହା ପୂର୍ବପୁରୁଷଙ୍କ ସ୍ମୃତିରେ ତାଙ୍କ ମୃତ୍ୟୁ ବାର୍ଷିକୀରେ ସମାନ ତିଥିରେ ପିଣ୍ଡଦାନ ଦେଇ ଏବଂ ବ୍ରାହ୍ମଣଙ୍କୁ ଭୋଜନ କରାଇ ପାଳନ କରାଯାଏ । ଏହି ଶ୍ରାଦ୍ଧକୁ ନୈମିତ୍ତିକ ଶ୍ରାଦ୍ଧ ମଧ୍ୟ କୁହାଯାଏ, ଏହା ବିଶ୍ୱଦେବଙ୍କ ବ୍ୟତୀତ କେବଳ ଜଣେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଏ । କିନ୍ତୁ, ପାର୍ବଣ ଶ୍ରାଦ୍ଧ ଦୁଇ ପ୍ରକାରର -ପଯ୍ୟା ଶ୍ରାଦ୍ଧ ଓ ମହାଳୟା ଶ୍ରାଦ୍ଧ । ପଯ୍ୟା ଶ୍ରାଦ୍ଧ କାର୍ତ୍ତିକ ଅମାବାସ୍ୟା ଦିନ ଓ ମହାଳୟା ଶ୍ରାଦ୍ଧ ଆଶ୍ୱିନ ଅମାବାସ୍ୟା ଦିନ ପାଳିତ ହୁଏ । ଶ୍ରଦ୍ଧାରୁ ଶ୍ରାଦ୍ଧ, ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାରେ ଯାହା ପ୍ରଦତ୍ତ କରାଯାଏ ତାହାକୁ ଶ୍ରାଦ୍ଧ କୁହାଯାଏ । ପିତୃଗଣ ଶ୍ରଦ୍ଧାରେ ପ୍ରଦତ୍ତ ଦ୍ରବ୍ୟ ଦ୍ୱାରା ହିଁ ସନ୍ତୁଷ୍ଟ ହୁଅନ୍ତି । ଶାସ୍ତ୍ର ବାକ୍ୟ ଅନୁସାରେ ତୃପ୍ୟନ୍ତେ ଅନେକ ଜଳେନ ଇତି ତର୍ପଣମ । ଅର୍ଥାତ ବିନା କୌଣସି ଦ୍ରବ୍ୟରେ କେବଳ ଶ୍ରଦ୍ଧାର ସହିତ ଜଳ ଅର୍ପଣ ଦ୍ୱାରା ମଧ୍ୟ ପିତୃଗଣ ତୃପ୍ତ ହୁଅନ୍ତି । ମାତା ସୀତା ତାଙ୍କ ବନବାସ ସମୟରେ ମହାରାଜା ଦଶରଥଙ୍କୁ ଶ୍ରଦ୍ଧାର ସହ ବାଲିରେ ତିଆରି ପିଣ୍ଡ ଅର୍ପଣ କରି ସନ୍ତୁଷ୍ଟ କରି ପାରିଥିଲେ । ଏହି ଶ୍ରାଦ୍ଧକୁ ଶ୍ରଦ୍ଧାର ସହିତ ଅର୍ପଣ କରାଯାଉଥିବାରୁ ଏହାକୁ ତର୍ପଣ ମଧ୍ୟ କୁହାଯାଏ । ମହାଳୟା ଅମାବସ୍ୟା ଭାରତର ଏକ ଧର୍ମ ଭିତ୍ତିକ ପର୍ବ । ହିନ୍ଦୁ ଧାର୍ମିକ ପରମ୍ପରାରେ ପିତୃ ପୁରୁଷଙ୍କ ପାଇଁ ପାଳନ କରାଯାଉଥିବା ବିଭିନ୍ନ ଶ୍ରାଦ୍ଧ କର୍ମ ମଧ୍ୟରେ ମହାଳୟା ଶ୍ରେଷ୍ଠତମ । ଏହି ସମୟରେ ପିଣ୍ଡଦାତାଙ୍କ ଆଳୟରେ ସର୍ବଦେବ,ଋଷି ଏବଂ ପିତୃଗଣ ଉପସ୍ଥିତ ହୁଅନ୍ତି । ସେଥିପାଇଁ କୁହାଯାଏ – "ମହତାଂ ଆଳୟଃ ମହାଳୟଃ" । ଅର୍ଥାତ, ମହାନ ପୁରୁଷମାନଙ୍କର ଆଳୟ ହେଉଛି ମହାଳୟା । ପିତୃପକ୍ଷରେ ପ୍ରଦାନ କରାଯାଉଥିବା ପିଣ୍ଡ ସବୁ ପିତୃଲୋକର ରାଜାଙ୍କ ବାହନ କାକ ପକ୍ଷୀଙ୍କ ମାଧ୍ୟମରେ ଆତ୍ମାଙ୍କୁ ପ୍ରାପ୍ତି ହୋଇଥାଏ । ରାଜା ହିରଣ୍ୟ କଶ୍ୟପଙ୍କ ମୃତ୍ୟୁ ପରେ ଯେତେବେଳେ ଭକ୍ତ ପ୍ରହ୍ଲାଦ ଭଗବାନଙ୍କୁ ପ୍ରଶ୍ନ କଲେ- ପ୍ରଭୁ ମୋ ପିତା ତ ଅତ୍ୟନ୍ତ ପାପୀ ଥିଲେ, ତାଙ୍କର ଆତ୍ମା କେମିତି ଶାନ୍ତି ପାଇବ? ଭଗବାନ କହିଲେ "ତ୍ରି ସପ୍ତଭି ପିତା ପୁତଃ" । ଅର୍ଥାତ ସୁପୁତ୍ରମାନେ ଭଗବାନଙ୍କ ଶରଣାପନ୍ନ ହେଲେ ଓ ସୁପୁତ୍ରମାନଙ୍କ ଦ୍ୱାରା ଅର୍ପଣ କରାଯାଉଥିବା ପିଣ୍ଡ ଉଭୟ ପିତୃକୁଳର ଓ ପୁତ୍ରକୁଳର ଏକୋଇଶ ପିଢ଼ି ପର୍ଯ୍ୟନ୍ତ ପାଇଥାନ୍ତି । ଆଉ ତୁମର ଭକ୍ତିରେ ତୁମ ପିତାଙ୍କ ସ୍ୱର୍ଗପ୍ରାପ୍ତି ହୋଇସାରିଛି ।



## 'ରାମାୟଣ'ରେ ପିଣ୍ଡଦାନ

ପିତୃପୁରୁଷମାନଙ୍କୁ ଶ୍ରାଦ୍ଧ ଓ ପିଣ୍ଡଦାନ ରାମାୟଣରେ ମଧ୍ୟ ଦର୍ଶାଯାଇଛି । ଯେତେବେଳେ ଭଗବାନ ରାମଚନ୍ଦ୍ର ବନବାସରେ ଥିଲେ ଓ ପିତାଙ୍କ ମୃତ୍ୟୁ ପରେ ଆତ୍ମାର ସଦଗତି ନିମନ୍ତେ ବିଭିନ୍ନ ତୀର୍ଥ ସ୍ଥାନରେ ଶ୍ରାଦ୍ଧ କଲେ, ସେତେବେଳେ ଋଷି ଓ ମୁନିମାନଙ୍କୁ ନିମନ୍ତ୍ରଣ କରି ଭୋଜନ ଦେଲେ । ସେତେବେଳେ ଜୈନକ ଋଷିଙ୍କୁ ଦେଖି ମାତା ସୀତା ହଠାତ୍ ଚମକି ପଡ଼ିଲେ ଓ ଲୁଚି ଗଲେ । ଏହା ଦେଖି ଭଗବାନ ରାମ କହିଲେ- "ତୁମେ କାହିଁକି ଚାଲି ଆସିଲ?" ମାତା ସୀତା କହିଲେ- "ଋଷିଙ୍କ ଦେହରେ ମହାରାଜ ଦଶରଥଙ୍କୁ ଦର୍ଶନ କଲି । ତାଙ୍କର ବୋହୁକୁ ବନବାସୀ ବେଶରେ ଦେଖି କାଳେ ତାଙ୍କୁ କଷ୍ଟ ହେବ ତେଣୁ ମୁଁ ଚାଲି ଆସିଲି ।"



ତେଣୁ ପିତୃପୁରୁଷ ଓ ଆତ୍ମା ଭକ୍ତ ଓ ବ୍ରାହ୍ମଣଙ୍କ ଦେହରେ ସବାର ହୋଇ ଆସିଥାନ୍ତି ଶ୍ରାଦ୍ଧ ପାଇବା ପାଇଁ । ଯଦି ସୁପୁତ୍ର ନଥାନ୍ତି ତେବେ ଆତ୍ମାଙ୍କୁ ପିତୃଲୋକରେ ବହୁଜନ୍ମ ଅପେକ୍ଷା କରିବାକୁ ପଡ଼ିଥାଏ ।

ପିତାମାତାଙ୍କ ମୃତ୍ୟୁ ପରେ ଶୁଦ୍ଧକ୍ରିୟା କରିବା , ଗଙ୍ଗା, ଗୟା ଓ କାଶୀ ଯାଇ ଅସ୍ଥି ବିସର୍ଜନ, ପିଣ୍ଡଦାନ ଏବଂ ବ୍ରାହ୍ମଣ ଭୋଜନ କରିବାପାଇଁ ଲକ୍ଷ ଲକ୍ଷ ଟଙ୍କା ଆମେ ଖର୍ଚ୍ଚ କରୁଛେ, କିନ୍ତୁ ସେହି ପିତାମାତାଙ୍କ ବଞ୍ଚିଥିବାବେଳେ ଆମେ ସେମାନଙ୍କ ଯତ୍ନ ନେଇଥିଲେ କି ନାହିଁ ତାଙ୍କୁ ଉପଯୁକ୍ତ ସମ୍ମାନ ଦେଇଥିଲେ କି ନାହିଁ ଏବଂ ତାଙ୍କୁ ଛୋଟ ପିଲାଭଳି ପାଳିଥିଲେ କି ନାହିଁ ସେକଥା ଆଗେ ଭାବିବା କଥା । ଯଦି ଆମେ ଏସବୁ ଶ୍ରଦ୍ଧାର ସହିତ କରିଥିବା ତେବେ ଯାଇ ତାଙ୍କ ମୃତ୍ୟୁ ପରେ ସେମାନେ ଆମରି ପିଣ୍ଡଦାନ ପାଇଁ ଖୁସିରେ ଅନାଇ ରହିବେ ନଚେତ ସବୁ ନିରର୍ଥକ ହୋଇଯିବ । ■

କଚେରୀ ସାହି, ଦେବଗଡ଼
ମୋ: ୯୪୩୭୨୧୮ ୯୧୭

ଭାରତୀୟ ସଂସ୍କୃତି ଏକ ମହାନ୍ ସଂସ୍କୃତି -ଏହା ସର୍ବବାଦୀ ସମ୍ମତ । ଭାରତ ବର୍ଷର ସନାତନ ହିନ୍ଦୁ ଧର୍ମ ତା'ର ଉନ୍ନତ ଆଦର୍ଶ ଦ୍ୱାରା ଏହି ସଂସ୍କୃତିକୁ ଅତ୍ୟନ୍ତ ବଳିଷ୍ଠ କରିଛି । ବେଦ, ବେଦାନ୍ତ ଉପନିଷଦାଦିର, ମୌଳିକ ଭିତ୍ତିଭୂମି ଉପରେ ଏହି ସଂସ୍କୃତି ଆଧାରିତ । ହିନ୍ଦୁମାନଙ୍କର ଜୀବନ ଚର୍ଯ୍ୟା ଓ ଜୀବନାଦର୍ଶ ବୈଦିକ ସଂସ୍କୃତି ସହ ଅନୁବନ୍ଧିତ । ତେଣୁ ଭାରତବର୍ଷର ସାମାଜିକ ବିଧି ବ୍ୟବସ୍ଥା ଅତ୍ୟନ୍ତ ମାର୍ଜିତ ଓ ଉନ୍ନତ । ସମାଜକୁ ଶୃଙ୍ଖଳିତ କରିବା ପାଇଁ ଭାରତୀୟ ମୁନି ଋଷିମାନେ ଅନେକ ଓଷା, ବ୍ରତ, ପର୍ବପର୍ବାଣି ସୃଷ୍ଟି କରିଛନ୍ତି ।ଯାହା ସାଧାରଣ ଜନଜୀବନକୁ ଏକ ଅପ୍ରତିହତ ସ୍ରୋତରେ ଭସାଇ ନେଉଛି । ଏସବୁ ଓଷା, ବ୍ରତ ମଧ୍ୟ ବିଜ୍ଞାନ ସମ୍ମତ ।



# ଭାରତୀୟ ସଂସ୍କୃତିରେ ପିତୃପକ୍ଷ



ଡକ୍ଟର ଅଭିମନ୍ୟୁ ବରାଳ









## କର୍ତ୍ତବ୍ୟବୋଧର ନିଦର୍ଶନ


ପିତୃପକ୍ଷ ଏକ ସାଂସ୍କୃତିକ ମୂଲ୍ୟବୋଧର ପ୍ରତୀକ । ପୂର୍ବ-ପୁରୁଷମାନଙ୍କ ପ୍ରତି ଉତ୍ତର ପୁରୁଷମାନଙ୍କର ନିବିଡ଼ କର୍ତ୍ତବ୍ୟବୋଧର ନିଦର୍ଶନ । ପୂର୍ବଜମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବାର ଜ୍ୱଳନ୍ତ ପ୍ରତିଛବି ପିତୃପକ୍ଷର ଶ୍ରାଦ୍ଧ ଓ ତର୍ପଣ । ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ଗୋଟିଏ ପକ୍ଷକୁ ପିତୃପକ୍ଷ ବା 'ଅପରପକ୍ଷ' କୁହାଯାଏ । ପିତୃପକ୍ଷର ଅନ୍ତିମ ଦିନ ଅର୍ଥାତ୍ ଅମାବାସ୍ୟା ଦିନକୁ 'ମହାଳୟା' କୁହାଯାଏ । ଧର୍ମଶାସ୍ତ୍ରରେ କୁହାଯାଇଛି-

**"ଅମା ଯୁଗ ମନୁ କ୍ରାନ୍ତି ଧୃତିପାଦ ମହାଳୟା
ଅନୁଷ୍ଟକ୍ୟଂ ପୂର୍ବ ଦ୍ୟୁ ଷଣ୍ଣିବତ୍ୟ ପ୍ରକୀର୍ତ୍ତିତଃ ।"**

ଉକ୍ତ ଅମାବାସ୍ୟାଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପକ୍ଷଟିକୁ ପିତୃପକ୍ଷ ବୋଲି କୁହାଯାଏ । ଏହାକୁ ପିତୃ ଅମାବାସ୍ୟା ଏବଂ ଦେବ ଅମାବାସ୍ୟା ବୋଲି ମଧ୍ୟ କୁହାଯାଏ । ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦା ଦିନ ପିତୃପୁରୁଷମାନେ ପିତୃଲୋକଙ୍କୁ ତ୍ୟାଗ କରି ମର୍ତ୍ତ୍ୟଲୋକକୁ ଅବତରଣ କରନ୍ତି । ତାଙ୍କ ବଂଶର ଉତ୍ତାରାଧିକାରୀ ପୁତ୍ରପୌତ୍ରାଦିଗଣ ପିତୃ ପିତାମହମାନଙ୍କୁ ଶ୍ରାଦ୍ଧ ସହିତ ପିଣ୍ଡଦାନ ପୂର୍ବକ ପୂଜା କରନ୍ତି । "ଶ୍ରଦ୍ଧାୟା ଅନ୍ନାଦେର୍ଦାନଂ" ଅର୍ଥାତ୍ ଶ୍ରଦ୍ଧାର ସହିତ ଦାନ କରାଯାଉଥିବା ଅନ୍ନ ଭୋଜନାଦି । ପୁନଶ୍ଚ କୁହାଯାଏ "ଶ୍ରଦ୍ଧାୟା ଦଦତିତି ଶ୍ରାଦ୍ଧ ।" ଶ୍ରଦ୍ଧାରେ ଯାହା ଦିଆଯାଏ ବା ଦାନ କରାଯାଏ, ତାକୁ କହନ୍ତି ଶ୍ରାଦ୍ଧ । ଏହି ପିତୃପକ୍ଷଟି ପିତୃପୁରୁଷମାନଙ୍କୁ ପୂଜା କରିବା ପାଇଁ ଉପଯୁକ୍ତ ସମୟ । ତେଣୁ 'ଭାଗବତ'ରେ କୁହାଯାଇଛି -

**ଆଶ୍ୱିନ୍ୟ ମାସ କୃଷ୍ଣପକ୍ଷେ । ପିତୃଙ୍କୁ ପୂଜିବେ ପ୍ରତ୍ୟକ୍ଷେ ।
ସମ୍ଭାର ଯଥା ଶକ୍ତିମତେ । ପିତୃ ପୂଜିବ ଶ୍ରଦ୍ଧାଚିତ୍ତେ ।
ଜ୍ଞାତି ସୁହୃଦ ବନ୍ଧୁଜନ । ଭୋଜନ ଦେବ ମିଷ୍ଟ ଅନ୍ନ ।**
(ଭାଗବତ:୭ ।୧୪)

ହିନ୍ଦୁ ପରମ୍ପରାରେ ପିତୃପକ୍ଷ ତଥା ମହାଳୟା ଅମାବାସ୍ୟା ଏକ ପବିତ୍ର ତିଥି। ଏହି ଦିବସଟି ପ୍ରତ୍ୟେକ ଗୃହସ୍ଥ ପାଇଁ ଏକ ପବିତ୍ର ଦିନ। ପିତୃପକ୍ଷରେ ଯେ କୌଣସି ଦିନ ଶ୍ରାଦ୍ଧ କରି ପିଣ୍ଡଦାନ କଲେ ପିତୃ ପୁରୁଷମାନେ ତାହା ଗ୍ରହଣ କରିଥାନ୍ତି । ଏହି ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ତର୍ପଣ ଓ ବସ୍ତୁଦେବ କରାଯାଏ । ଦୁର୍ବାକ୍ଷତ, ଫୁଲ ଚନ୍ଦନ, ଧୂପ ଦୀପାଦି ଦ୍ୱାରା ତର୍ପଣ ସଂପାଦିତ ହୁଏ । ଯେଉଁମାନଙ୍କର ଉପନୟନ ବ୍ୟବସ୍ଥା ଅଛି, ସେମାନେ ତର୍ପଣ କରିବା କଥା । କିନ୍ତୁ ଦେଖାଯାଏ ବିଶେଷତଃ ବ୍ରାହ୍ମଣମାନେ ତର୍ପଣ କରିଥାନ୍ତି । ଶେଷ ଦିନ ଅର୍ଥାତ୍ ମହାଳୟା ଦିନ ଶ୍ରାଦ୍ଧ କରି ଉଦ୍‌ଯାପନ କରିଥାନ୍ତି ।



## ବ୍ରାହ୍ମଣଙ୍କୁ ଆପ୍ୟାୟିତ

ଶ୍ରାଦ୍ଧ କର୍ମର ସମାପନ ପରେ ପୁରୋହିତ ବ୍ରାହ୍ମଣଙ୍କୁ ଭୁରି ଭୋଜନ ଦେଇ ଆପ୍ୟାୟିତ କରାଯାଏ। ବ୍ରାହ୍ମଣ ହେଉଛନ୍ତି ଭଗବାନଙ୍କ ସ୍ୱରୂପ। ସେ ସନ୍ତୁଷ୍ଟ ହେଲେ ଭଗବାନ ସନ୍ତୁଷ୍ଟ ହୁଅନ୍ତି। ତେଣୁ 'ଭାଗବତ'ରେ କୁହାଯାଇଛି –

**"ବ୍ରାହ୍ମଣ ମୁଖେ ଯେବେ ଭକ୍ଷେ,
ମୁହିଁ ଭୁଞ୍ଜଇ ତା ପ୍ରତକ୍ଷ୍ୟେ।"**

(ଭାଗବତ: ୩୧। ୫ )

ତାପରେ ବ୍ରାହ୍ମଣଙ୍କୁ ଦକ୍ଷିଣା ପ୍ରଦାନ କରାଯାଇ ବିଦାୟ ଦିଆଯାଏ। ବ୍ରାହ୍ମଣ ସ୍ୱସ୍ତିବାଚକ ପୂର୍ବକ ପ୍ରତ୍ୟାବର୍ତ୍ତନ କରିଥାନ୍ତି.। ଗୃହରେ ସେଦିନ ସାତ୍ତ୍ୱିକ ଆହାର ବ୍ୟବସ୍ଥା ହୋଇଥାଏ। ସେ ଦିନ ଅକୁଣ୍ଠ ଚିତ୍ତରେ ଦାନ ଦେଲେ ପିତୃପୁରୁଷ ପ୍ରସନ୍ନ ହୁଅନ୍ତି। ଶ୍ରାଦ୍ଧ ଅବସରରେ ଦୁଃଖୀ, ରଙ୍କି, ସାଧୁ, ସନ୍ଥ ପାଖ ପଡ଼ୋଶୀ ସମସ୍ତଙ୍କୁ ନିମନ୍ତ୍ରଣ କରି ଭୋଜନରେ ଆପ୍ୟାୟିତ କରାଯାଏ। ଏହାଦ୍ୱାରା ପିତୃପୁରୁଷଗଣ ସନ୍ତୁଷ୍ଟ ହୋଇ ଆଶୀର୍ବାଦ ଦେଇଥାନ୍ତି। ପିତା, ପିତାମହଙ୍କ କୃପାରୁ ପୁତ୍ର ସୁଖୀ ହୋଇଥାଏ। ତେଣୁ କୁହାଯାଏ -

**"ପିତାମହ କଲ୍ୟାଣରୁ ପୁତ୍ର ସୁଖୀ ହୁଏ।
ପୁତ୍ର ଯଦି ହୁଏ ସୁଖୀ କୁଳ ଧର୍ମ ରଖି।"**

## ଷଡ୍ ପୁରୁଷଙ୍କୁ ଶ୍ରାଦ୍ଧ

ପିତୃପକ୍ଷ ତଥା ମହାଳୟା ଶ୍ରାଦ୍ଧରେ ମାତୁଳ କୂଳକୁ ପ୍ରାଧାନ୍ୟ ଦିଆଯାଏ। ତେଣୁ ମହାଳୟା ଶ୍ରାଦ୍ଧକୁ 'ମଉଳା ଶ୍ରାଦ୍ଧ' ବୋଲି କୁହାଯାଏ। ତେଣୁ ସଂକଳ୍ପ ବାକ୍ୟରେ ପୁରୋହିତ ୯ ପୁରୁଷର ନାମୋଚ୍ଚାରଣ ପୂର୍ବକ ମନ୍ତ୍ରପାଠ କରିଥାନ୍ତି। ପିତାଙ୍କର ତିନି ପୁରୁଷ ଅର୍ଥାତ୍ – ପିତା, ପିତାମହ, ପ୍ରପିତାମହ। ମାତାଙ୍କର ତିନି ପୁରୁଷ ଅର୍ଥାତ୍ ମାତା, ମାତାମହୀ, ପ୍ରମାତାମହୀ। ମଉଳା କୁଳର ତିନି ପୁରୁଷ ଯଥା – ମାତାମହ, ପ୍ରମାତାମହ ଓ ବୃଦ୍ଧ ପ୍ରମାତାମହ। ଏହିଭଳି ୯ ପୁରୁଷର ପିଣ୍ଡଦାନ କରାଯାଏ। କିନ୍ତୁ ସ୍ଥାନ ଭେଦରେ ପିତୃକୁଳର ୩ ପୁରୁଷ, ଓ ମାତୃଙ୍କର ୩ ପୁରୁଷ ନାମ ଉଚ୍ଚାରଣ କରାଯାଉଛି। ମାତାଙ୍କର ତିନିପୁରୁଷ ଜେଜ ମା, ପ୍ରଭୃତିଙ୍କୁ ବାଦ୍ ଦିଆଯାଇଛି। ତେଣୁ ଛଅ ପୁରୁଷଙ୍କର ନାମ ଉଚ୍ଚାରଣ କରାଯାଉଛି। ମହାଳୟା ଶ୍ରାଦ୍ଧ ପିତୃପୁରୁଷମାନଙ୍କୁ ସନ୍ତୁଷ୍ଟ କରି ତାଙ୍କର କଲ୍ୟାଣ ଲାଭ କରିବାର ଏକ ପ୍ରକୃଷ୍ଟ ସମୟ।

ମହାଳୟା ଦିନ କିମ୍ବା ପିତୃପକ୍ଷର ଯେ କୌଣସି ଦିନ ଶ୍ରାଦ୍ଧ – ପିଣ୍ଡଦାନ କଲେ ଜଣେ ବ୍ରାହ୍ମଣ କିମ୍ବା ନିଜର କୁଳପୁରୋହିତଙ୍କୁ ନିଜ ଘରକୁ ନିମନ୍ତ୍ରଣ କରାଯାଏ। ସେ ପହଞ୍ଚିବା ପରେ ତାଙ୍କୁ ପାଦ୍ୟ ଅର୍ଘ୍ୟ ଦେଇ ସ୍ୱାଗତ କରାଯାଏ। ଘରର ଜ୍ୟୋଷ୍ଠପୁତ୍ର କର୍ତ୍ତା ଭାବରେ ଶ୍ରାଦ୍ଧ କର୍ମରେ ପୁରୋହିତଙ୍କୁ ସହଯୋଗ କରନ୍ତି। ବ୍ରାହ୍ମଣ ଗୋଟିଏ କାଷ୍ଠ ଆସନ (ପିଢ଼ା) ଉପରେ ଉପବେଶନ ପୂର୍ବକ ଧଳା ମୁରୁଜରେ ଶ୍ରାଦ୍ଧ ପୀଠରେ ମଣ୍ଡଳ ପକାନ୍ତି। କର୍ତ୍ତା ନୂତନବସ୍ତ୍ର, ପାଟବସ୍ତ୍ର, ପୀତବର୍ଣ୍ଣର ବସ୍ତ୍ର ପରିଧାନ କରିବା ବିଧେୟ, ଧୂପ, ଦୀପ, ଫୁଲ , ଚନ୍ଦନ, ଦୁବ, ଅକ୍ଷତ ଇତ୍ୟାଦି ଦ୍ୱାରା ବ୍ରାହ୍ମଣ ମନ୍ତ୍ରୋପଚାରଣ ପୂର୍ବକ ଶ୍ରାଦ୍ଧ କର୍ମ କରନ୍ତି। ପୁରୋହିତଙ୍କ ନିକଟରେ ରହି, ତାଙ୍କ ନିର୍ଦ୍ଦେଶରେ ଶ୍ରାଦ୍ଧ ସଂଚାଳନ କରନ୍ତି। ଏହି ଶ୍ରାଦ୍ଧର ପିତୃକୁଳର ତିନି ପୁରୁଷ ଓ ମାତୃକୁଳର ତିନି ପରୁଷ , ଏହିପରି ଷଡ୍ ପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ। ଅରୁଆ ଚାଉଳ, କ୍ଷୀର, ନଡ଼ିଆ, କଦଳୀ, ନବାତ, ଘିଅ, ମହୁ ଦ୍ୱାରା ପିଣ୍ଡ ପ୍ରସ୍ତୁତ କରାଯାଇ ବ୍ରାହ୍ମଣଙ୍କ ନିର୍ଦ୍ଦେଶ ମତେ ଦକ୍ଷିଣ ଆଣ୍ଠୁକୁ ତଳେ ଭାଗ ଦେଇ ନିର୍ଦ୍ଦିଷ୍ଟ କୋଷ୍ଠୀରେ ପିଣ୍ଡଦାନ କରାଯାଏ। ସ୍ଥଳ ବିଶେଷରେ ଅନ୍ନରେ ମଧ୍ୟ ପିଣ୍ଡ ଦିଆଯାଇଥାଏ। ପିତୃପୁରୁଷମାନଙ୍କ ସନ୍ତୋଷ ବିଧାନ ପାଇଁ ଶ୍ରଦ୍ଧାରେ ଅର୍ପଣ କରାଯାଉଥିବାରୁ ଏହାକୁ ଶ୍ରାଦ୍ଧ କୁହାଯାଏ। ଏହି ପିତୃପକ୍ଷ ବା ମହାଳୟା, ଶ୍ରାଦ୍ଧ ଶେଷରେ ପରିବାରର ସମସ୍ତ ସଦସ୍ୟ ଶ୍ରାଦ୍ଧ ସ୍ଥାନରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରନ୍ତି। କର୍ତ୍ତା ନତଜାନୁ ହୋଇ ପିତୃପୁରୁଷଙ୍କୁ ପ୍ରଣାମ କରିବା ସହିତ ଅଜ୍ଞାତରେ କରିଥିବା ଅପରାଧ ପାଇଁ କ୍ଷମା ପ୍ରାଥନା କରନ୍ତି। ପିତୃପୁରୁଷଙ୍କ ଆତ୍ମା ଶାନ୍ତିରେ ରହିବାର କାମନା କରି ଭଗବାନଙ୍କୁ ପ୍ରଣାମ କରନ୍ତି।

## ପିତୃପୁରୁଷଙ୍କ ଜନ୍ମଦିନ

ପିତୃପକ୍ଷ ବା ମହାଳୟା ପିତୃପୁରୁଷଙ୍କର ଜନ୍ମ ଦିବସ। ଅଷ୍ଟବସୁ, ଏକାଦଶ ରୁଦ୍ର ଓ ଦ୍ୱାଦଶ ଆଦିତ୍ୟଙ୍କୁ ମିଶାଇ ୩୧ ଜଣ ପିତୃଗଣ ଅଟନ୍ତି। ବସୁଙ୍କର ପ୍ରତିନିଧି ପିତା, ରୁଦ୍ରଙ୍କର ପ୍ରତିନିଧି ପିତାମହ, ଓ ଆଦିତ୍ୟଙ୍କର ପ୍ରତିନିଧି ପ୍ରପିତାମହ ଅଟନ୍ତି। ସେହିପରି ମାତାମହ ପ୍ରମାତାମହ, ଓ ବୃଦ୍ଧ ପ୍ରମାତାମହଙ୍କର ମଧ୍ୟ ବସୁ, ରୁଦ୍ର, ଆଦିତ୍ୟ ପ୍ରତିନିଧି ଅଟନ୍ତି। ତାଙ୍କ ତୃପ୍ତି ପାଇଁ ତାଙ୍କ ଉଦ୍ଦେଶ୍ୟରେ ତାଙ୍କ ଜନ୍ମ ଦିବସ ମହାଳୟାରେ ପିଣ୍ଡଦାନ କରାଯାଏ। ପିତୃମାନେ ମହାଭାରତ, ଶୁଣିବାକୁ ଭଲ ପାଆନ୍ତି। ତେଣୁ ପିତୃପକ୍ଷ ଶ୍ରାଦ୍ଧଦିନ ରାତ୍ରିରେ ମହାଭାରତ ପାଠ କରାଯାଏ। 'ଶ୍ମଶ୍ରୁଳା ପିତରଃ ସ୍ମୃତାଃ।" ପିତୃମାନେ ଶ୍ମଶ୍ରୁଧାରୀ ଅଟନ୍ତି। ତେଣୁ ଶ୍ମଶ୍ରୁଧାରୀଙ୍କୁ ଦେଖିଲେ ପିତୃମାନେ ଖୁସି ହୁଅନ୍ତି। ତେଣୁ ପିତୃତର୍ପଣରେ ଅପରପକ୍ଷ ସମୟରେ ଶ୍ମଶ୍ରୁ ଧାରଣ କରାଯାଇଥାଏ।

ପୁତ୍ରକୁ ଜନ୍ମ ଦେଇ ଲାଳନ ପାଳନ କରି ସମାଜରେ ପ୍ରତିଷ୍ଠିତ କରିବାରେ ପିତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ପୁତ୍ର ପାଇଁ ପିତା ହେଉଛନ୍ତି ସର୍ବଶ୍ରେଷ୍ଠ ସମ୍ପଦ। ଏହି ହେତୁ ଶାସ୍ତ୍ରକାରମାନେ କହିଛନ୍ତି-

**"ପିତାଧର୍ମଃ, ପିତାସ୍ୱର୍ଗ, ପିତାହି ପରମ ତପୋଃ
ପିତରି ପ୍ରୀତିମାପର୍ଣ୍ଣେ ପ୍ରିୟନ୍ତେ ସର୍ବ ଦେବତାଃ ॥"**

ଜଗତରେ ପାଞ୍ଚଟି ଦୁର୍ଲଭ ପଦାର୍ଥ ଅଛି। ସେଗୁଡ଼ିକ ହେଲା

**"ଜନନୀ ଜନ୍ମଭୂମିଶ୍ଚ ଜାହ୍ନବୀଶ୍ଚ ଜନାର୍ଦ୍ଦନଃ
ଜଳେ ପଞ୍ଚମ ଶୈବ ଜ' କରା ପଞ୍ଚ ଦୁଲ୍ଲଭାଃ।'"**

ଅର୍ଥାତ୍ – ମା', ମାତୃଭୂମି, ଗଙ୍ଗା, ଜଗନ୍ନାଥ ଏବଂ ପିତା। ଏହାକୁ ଥରେ ହରାଇଲେ ଆଉ ମିଳିବ ନାହିଁ। ତେଣୁ ଏହା ଅତ୍ୟନ୍ତଃ ଦୁର୍ଲଭ। ପିତାଙ୍କ ସନ୍ତୋଷ ବିଧାନ ପାଇଁ ତିନୋଟି କଥା ରହିଛି। ଯଦ୍ୱାରା ପୁଅର ପୁଅପଣିଆ ପ୍ରକାଶିତ ହୋଇଥାଏ। ତାହା ହେଲା –

**ଜୀବିତେ ବାକ୍ୟଂ କରଣଂ ମୃତାହେ ଭୁରି ଭୋଜନଂ।
ଗୟାୟା ପିଣ୍ଡ ଦାନେନ ତ୍ରିଭିଃ ପୁତ୍ରସ୍ୟ ପୁତ୍ରଣ॥"**

ପୁତ୍ର ଉପରୋକ୍ତ କାର୍ଯ୍ୟ କଲେ ପିତୃ ପିତାମହଙ୍କର କଲ୍ୟାଣ ଭାଜନ ହୋଇଥାଏ। ପିତାଙ୍କର ଗୌରବ ବର୍ଣ୍ଣନା କରିବାକୁ ଯାଇ, "ପିତୃସ୍ତବ"ରେ କୁହାଯାଇଛି –

**"ଦେବତାଭ୍ୟ ପିତୃଭ୍ୟଶ୍ଚ ମହାଯୋଗୀଭ୍ୟ ଏବଚ
ନମଃ ସ୍ୱାହୀ ସ୍ୱାଧାଇ ନିତ୍ୟ ମେବ ନମୋ ନମଃ ।।**

X X X

**ବର୍ଣ୍ଣେ ଗୁରୁ ବିମୃତ୍ୟାତ୍ ପାପାତ୍ ଗୋବଧେ ନାନା ପାତ୍‌କମ୍।
ପିତୃଭକ୍ତି ପରାଞ୍ଚେୟା ସର୍ବେ ଯାନ୍ତି ପରାଂଗତିଃ ।।**

ଅର୍ଥାତ୍ – ନାନା ବିଧ ପାପ କରିଥିଲେ ମଧ୍ୟ ପିତୃଭକ୍ତି ପରାୟଣ ପୁତ୍ରର ତାହା ବିମୋଚନ ହୋଇଯାଏ। ତେଣୁ ପିତୃପକ୍ଷରେ କ୍ଷୌର କର୍ମ ବର୍ଜନ ପୂର୍ବକ, ଆହାର ବିହାରରେ ସଂଯମତା ଅବଲମ୍ବନ କରି ପୁଅ ତା'ର ନୈତିକ ଦାୟିତ୍ୱ ନିର୍ବାହ କରନ୍ତି। ମହାଳୟା ଦିନ ପିଣ୍ଡଦାନ କରି ଆତ୍ମା ସନ୍ତୋଷ ଲାଭ କରେ। ନିଜର ବାସଭବନ ବ୍ୟତୀତ ଶ୍ରୀମନ୍ଦିର ବାଇଶି ପାହାଚ, ନରେନ୍ଦ୍ର,ଶ୍ୱେତଗଙ୍ଗା, ବିନ୍ଦୁସାଗର ପ୍ରଭୃତି ତୀର୍ଥ ପୁଷ୍କରଣୀ ତଟରେ ମହାଳୟା ଶ୍ରାଦ୍ଧ ଓ ପିଣ୍ଡଦାନର ବିଧାନ ରହିଛି। ଅନେକ ବ୍ୟକ୍ତି ଯାଜପୁରର ନାଭିଗୟାରେ ମଧ୍ୟ ପିଣ୍ଡଦାନ କରି ଆତ୍ମସନ୍ତୋଷ ଲାଭ କରନ୍ତି। ■






ବର୍ଷଣା ବିହାର, ମନ୍ଦିର ମାର୍ଗ,
ସାକ୍ଷୀଗୋପାଳ, ପୁରୀ
ମୋ: ୯ ୯୩୭ ୮୩୫୨୩୨



ପ୍ରହ୍ଲାଦ କୁମାର ସିଂହ

# ପିତୃପକ୍ଷ ତର୍ପଣ କାହିଁକି ଓ କାହା ପାଇଁ

**ପରମପିତା ପରମାତ୍ମା, ବିଶ୍ୱ ତଥା ମାନବ ସମାଜର କଲ୍ୟାଣ ପାଇଁ କାମ କରିଯାଇଥିବା ପୂର୍ବପୁରୁଷଙ୍କଠାରୁ ଆରମ୍ଭ କରି ସ୍ୱର୍ଗବାସୀ ପିତାମାତା ଓ ସେମାନଙ୍କ ପୂର୍ବଜ ତଥା ବିଭିନ୍ନ କ୍ଷେତ୍ରରେ ଶିକ୍ଷାଦୀକ୍ଷା ପ୍ରଦାନ କରି ଆମକୁ ଆଗେଇ ନେଇଥିବା ଗୁରୁ, ଗୁରୁଜନ ଏବଂ ସର୍ବୋପରି ବ୍ୟକ୍ତି, ପରିବାର, ସମାଜ ଓ ରାଷ୍ଟ୍ର ଜୀବନକୁ ବିକଶିତ କରିବା କ୍ଷେତ୍ରରେ ଯେଉଁମାନଙ୍କର ଅବଦାନ ରହିଛି ସେ ସମସ୍ତଙ୍କୁ କୃତଜ୍ଞତାର ସହ ସ୍ମରଣ କରି ପିତୃ ପକ୍ଷରେ ତର୍ପଣ କରାଯାଇଥାଏ । କେବଳ ସେତିକି ନୁହେଁ; ଜଳ, ବାୟୁ, ମାଟି, ଉଦ୍ଭିଦ ଓ ପ୍ରାଣୀଜ ସମ୍ପଦ ସମେତ ପ୍ରକୃତି ମାତାଙ୍କୁ ମଧ୍ୟ ଏହି ଅବସରରେ କୃତଜ୍ଞତା ଜ୍ଞାପନ କରାଯାଏ । ପିତୃପକ୍ଷରେ ପିଣ୍ଡଦାନ ଫଳରେ ଏମାନେ କୁଆଡେ ତୃପ୍ତ ହୋଇଥାନ୍ତି ବୋଲି ଏହି ପଦ୍ଧତିକୁ ତର୍ପଣ ବୋଲି କୁହାଯାଏ । ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦାଠାରୁ ମହାଳୟା ପର୍ଯ୍ୟନ୍ତ ସମୟକୁ ଅପରପକ୍ଷ ବା ପିତୃ ତର୍ପଣ ଭାବେ ପାଳନ କରାଯାଏ ।**



ପିତୃପକ୍ଷରେ ଯେଉଁମାନଙ୍କୁ କୃତଜ୍ଞତାର ସହ ସ୍ମରଣ କରାଯାଇ ତର୍ପଣ କରାଯାଏ, ସେମାନେ ଏହା ଗ୍ରହଣ କରନ୍ତି କି ନାହିଁ ତାହା ଆମେ ଚର୍ମଚକ୍ଷୁରେ ଦେଖିପାରୁ ନାହୁଁ । କିନ୍ତୁ ଏହାଦ୍ୱାରା ଆମ ଭିତରେ ପବିତ୍ରତା, କୃତଜ୍ଞତା, ସକାରାତ୍ମକ ଚିନ୍ତନ ଭରିଯାଏ । ଯେଉଁମାନେ କେଉଁଠି ନା କେଉଁଠି କାହାର କିଛି ଉପକାର କରିଥାନ୍ତି ସେମାନଙ୍କ ନିକଟରେ କୃତଜ୍ଞ ରହିବା ପାଇଁ ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ ବାରମ୍ବାର ଚେତାଇ ଯାଇଛନ୍ତି । ଏହା ନ କଲେ ମଣିଷ କୃତଘ୍ନ ହୋଇ ପତନର ରାସ୍ତାରେ ଚାଲିବ । ବିନାଶ ହିଁ ତାକୁ ବିକାଶ ଭାବେ ଦେଖାଯିବ । ଗାନ୍ଧୀ କୁହନ୍ତି, ପୃଥିବୀରେ ଶହ ଶହ ଭାଷା ଥିବାବେଳେ ପ୍ରକୃତରେ ମଣିଷର ଅନ୍ତରର ଭାଷା ହେଉଛି ଦୁଇଟି - କୃତଜ୍ଞତା ଓ କୃତଘ୍ନତା । କୃତଜ୍ଞତା ମଣିଷକୁ ସ୍ନେହ, ପ୍ରେମର ଡୋରିରେ ବାନ୍ଧି ସତ୍ୟ, ଅହିଂସାର ପଥରେ ଚାଲିବାକୁ ମାର୍ଗଦର୍ଶନ ଦେଇ ଉଦାର କରୁଥିବା ବେଳେ କୃତଘ୍ନତା ମଣିଷ ମନରେ ହିଂସା, ଦ୍ୱେଷ, ଈର୍ଷା, ମିଥ୍ୟାଚାର, କାମ, କ୍ରୋଧ, ଲୋଭ, ମାୟା ଆଦି ଭରିଦେଇ ତା'ର ଅମୃତମୟ ଜୀବନକୁ ବିଷଜ୍ୱାଳାରେ ଜର୍ଜରିତ କରେ । ଏ ପରିପ୍ରେକ୍ଷୀରେ ପିତୃପକ୍ଷର ତର୍ପଣ ଆମକୁ କୃତଜ୍ଞତାର ବାଟରେ ଯିବା ପାଇଁ ଇଙ୍ଗିତ କରେ । ଆମର ପୂର୍ବପୁରୁଷମାନେ ଉତ୍ତରାଧିକାରୀ ସୂତ୍ରରେ ଆମକୁ ଏକ ସ୍ୱାଧୀନ ଓ ସଂସ୍କୃତି ସଂପନ୍ନ ଦେଶ ଦେଇଯାଇଛନ୍ତି । ଏହି ସ୍ୱାଧୀନତା ଲାଗି ସେମାନଙ୍କ ମଧ୍ୟରୁ ହଜାର ହଜାର ବଳିଦାନ ଦେଇଥିବା ବେଳେ ଲକ୍ଷ ଲକ୍ଷ କାରା ଓ ନିର୍ଯାତନା ବରଣ କରିଛନ୍ତି ।

ପିତାମାତା, ପିତାମହ ଆଦିଙ୍କୁ ପିତୃପକ୍ଷରେ ସ୍ମରଣ କରିବା ସହ ଯେଉଁ ମୁନିଋଷି, ବୈଜ୍ଞାନିକ, କୃଷକ, ଶ୍ରମିକ, ସାହିତ୍ୟିକ, ସୈନିକ, ଚିନ୍ତକ, ସମାଜ ସଂସ୍କାରକ ଏବଂ ସର୍ବୋପରି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପିତୃପକ୍ଷରେ ସ୍ମରଣ କରାଗଲେ ଜନମାନସରେ ତାହାର ଯେଉଁ ସାମୁହିକ ପ୍ରତିଫଳନ ହେବ ସେଥିରୁ ଆମ ଦେଶ ଓ ଜାତି ଏକ ନୂଆ ସାହାରା ପାଇବା ସହିତ ବ୍ୟକ୍ତି ଜୀବନ ମଧ୍ୟ ସମୃଦ୍ଧ ହୋଇ ସମସ୍ତଙ୍କର ମଙ୍ଗଳ ଲାଗି ନିଜକୁ ଉତ୍ସର୍ଗ କରିବ । ସ୍ୱାଧୀନତା ସଂଗ୍ରାମ କାଳରେ ଗାନ୍ଧୀଜୀଙ୍କ ସମେତ ଅନ୍ୟ ଆଗ ଧାଡ଼ିର ନେତାମାନେ ଆମକୁ ଆମର ଶକ୍ତି, ସାମର୍ଥ୍ୟ ଚିହ୍ନି ପିତୃପୁରୁଷମାନଙ୍କ କୀର୍ତ୍ତିରାଜିର ସ୍ମରଣ କରିବା ଲାଗି ବାରମ୍ବାର ଚେତାଇ ଦେଉଥିଲେ ।






ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସ୍ୱାଧୀନତା ଆନ୍ଦୋଳନ କାଳରେ ହଜାରିବାଗ ଜେଲରେ ବନ୍ଦୀ ଥିବାବେଳେ ବି ପିତୃପକ୍ଷରେ ତର୍ପଣ କରୁଥିଲେ । କାରାଗାର ମଧ୍ୟରେ ସେ ଏହି ଅବସରରେ ଯେତେ କାଳଜୟୀ ରଚନା ସୃଷ୍ଟି କରିଛନ୍ତି ସେଥିମଧ୍ୟରୁ ଅନ୍ୟତମ ହେଉଛି 'ପିତୃପକ୍ଷ ତର୍ପଣ' । ଏହି କବିତା ଆରମ୍ଭରେ ଦାସେଆପଣେ ଲେଖିଛନ୍ତି, "ଆସିଅଛି ପିତୃପକ୍ଷ କରୁଛି ତର୍ପଣ / ମନ୍ତ୍ରପାଠ ତିଳୋଦକେ କରେ ସମର୍ପଣ / ପିତୃ ପିତାମହଗଣ ବୈଦିକ ବିଧାନେ / ଦେବଗଣେ, ଋଷିଗଣେ ପୂଜେ ଜଳଦାନେ / ଅଧିକ କରିବି କିବା ଏଥି କାରାବାସେ / ଏ ଆଶ୍ୱାସ ସଙ୍ଗେ ମନେ ସଂଶୟ ମୋ ଆସେ / ମୁଁ ଯେ କାରାଗାରେ ବନ୍ଦୀ, ବନ୍ଦୀର ତର୍ପଣ / କରନ୍ତି କି ପିତୃଲୋକେ ସାଦରେ ଗ୍ରହଣ?"

ସେ କୌଣସି ଅପରାଧ କରିନଥିଲେ ମଧ୍ୟ ଦେଶ, ଜାତି ପାଇଁ କାମ କରି ବ୍ରିଟିଶ ସରକାରଙ୍କ ଆଖିରେ ଅପରାଧୀ ସାଜି ହଜାରିବାଗ ଜେଲ୍‌ରେ ଥିବାବେଳେ ଆସିଥିଲା ପିତୃପକ୍ଷ । ଏହି ଅବସରରେ ଜେଲ୍‌ର ଚାରିକାନ୍ଥ ଭିତରେ ପୂର୍ବଜମାନଙ୍କ ପ୍ରତି ଶ୍ରଦ୍ଧାର ସହ ଶ୍ରାଦ୍ଧ ଦେଉଥିବା ବେଳେ ଦାସେଆପଣେ ପୁଣି ଲେଖିଥିଲେ- "ସ୍ୱାଧୀନତା ମାନବର ଜନ୍ମ ଅଧିକାର/ ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର / ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି / ଚାରିସ୍ତମ୍ଭେ ମାନବର ସମାଜ ସଂସ୍ଥିତି / ଭାରତେ ଅମାତ୍ୟ ସଂସ୍ଥା ରାଜନୀତି ଆଜ / ଉପାଡ଼ି ଏ ଚାରିସ୍ତମ୍ଭ ଭାଙ୍ଗିଛି ସମାଜ / ଦେବଭୂମି କର୍ମଭୂମି ଧର୍ମଭୂମି ସାର / ଭାରତରେ ନାହିଁ ନର ଜନ୍ମ ଅଧିକାର ।" ପବିତ୍ର ଭାରତବର୍ଷ ବିଦେଶୀ ଶକ୍ତିର କବଳିତ ହୋଇଥିବା ବେଳେ ଜନଜୀବନ ନିସ୍ତେଜ ହୋଇପଡୁଥିବା ଦେଖି ପିତୃ ପୁରୁଷଙ୍କ ସମେତ ଦେବତା ଓ ଋଷିମାନେ ମନରେ କଷ୍ଟ ଅନୁଭବ କରୁଥିବାବେଳେ ସେମାନଙ୍କ କଷ୍ଟ ଦୂର ପାଇଁ କାରାଗାରରେ ବନ୍ଦୀ ହେବାଠାରୁ ଅଧିକ ସନ୍ତୋଷ କିଛି ନଥାଇପାରେ ବୋଲି ସେ ସ୍ପଷ୍ଟ ମତବ୍ୟକ୍ତ କରିଥିଲେ । କେବଳ ସେତିକି ନୁହେଁ, ବ୍ରିଟିଶ ଶାସନର ପ୍ରତିବାଦ ଅହିଂସା ମାର୍ଗରେ କରି ଗାନ୍ଧୀଙ୍କଠାରୁ ଗୋପବନ୍ଧୁଙ୍କ ପର୍ଯ୍ୟନ୍ତ ଅନେକ ବନ୍ଦୀ ହୋଇଥିଲେ ମଧ୍ୟ ସେମାନେ ଅହିଂସାର ଭୂମିରେ ହିଂସାର ଅନଳ ଶିଖା ଜାଳିବାକୁ ଚାହିଁନଥିଲେ । ତେବେ ପୂର୍ବ ପୁରୁଷମାନଙ୍କ ଅମର ଆତ୍ମା ଦେଶର ଦୁଃସ୍ଥିତି ଦେଖି କ୍ଳେଶ ପାଉଥିବା ବେଳେ ଦାସେଆପଣେ ତର୍ପଣ ମାଧ୍ୟମରେ ତାଙ୍କ ଅନ୍ତରର କଷଣ ପ୍ରକାଶ କରିଛନ୍ତି । ସ୍ୱରାଜ ସଂଗ୍ରାମ ପାଇଁ ସ୍ୱର୍ଗ ରାଜ୍ୟରୁ ପୂର୍ବ ପୁରୁଷଙ୍କ ପବିତ୍ର ପ୍ରେରଣା ସହିତ ଶୁଭ ଆଶୀର୍ବାଦ ଝରି ପଡ଼ିବ ବୋଲି ଆଶା କରିବା ସଂଗେ ସଂଗେ ସ୍ୱରାଜ ସଂଗ୍ରାମର ଯେଉଁ ମଞ୍ଜି ପୋତାଯାଇଛି ତାହା ବିଶାଳ କଳ୍ପତରୁରେ ପରିଣତ ହୋଇ ଦେଶକୁ ପରାଧୀନତାର ବନ୍ଧନରୁ ରକ୍ଷା କରିବ ବୋଲି ତାଙ୍କର ଦୃଢ଼ ଆଶା ଥିଲା । ତେବେ ଏହି ସଂଗ୍ରାମରେ ଯେଉଁମାନେ ସାମିଲ ହେଉନଥିଲେ ସେମାନଙ୍କୁ ଧିକ୍କାର କରି ଗୋପବନ୍ଧୁ ଲେଖିଥିଲେ, "ପିତୃ ରାଜ୍ୟେ ନାହିଁ ଯା'ର ପୂର୍ଣ୍ଣ ଅଧିକାର / ସେ ଅଧମ ସୁତ ଶିରେ ସହସ୍ର ଧିକ୍କାର / ସର୍ବସ୍ୱାନ୍ତ ପରାଧୀନ ହୋଇ ପିତୃଗଣ / ଅକିଞ୍ଚନ ଭାବେ ଯେବେ ତେଜନ୍ତି ଜୀବନ / ସେହି ଏକା ସୁସନ୍ତାନ କୁଳର ଗୌରବ / ଆଣେ ଯେ ଫେରାଇ ପୁଣି ଅତୀତ ବିଭବ / ସେ ଏକା ଦାୟାଦ ନାମ କରଇ ସାର୍ଥକ / ଯା ଯୋଗେ ତରନ୍ତି ପିତୃ ଦାସତ୍ୱ ନରକ ।" ଉତ୍କଳମଣିଙ୍କ କାରାବାସ ସମୟରେ ରଚିତ 'ପିତୃପକ୍ଷ ତର୍ପଣ' କେବଳ ପ୍ରେରଣାଦାୟୀ ନୁହେଁ, କୃତଜ୍ଞତାର ସହ ପିତୃପୁରୁଷଙ୍କୁ ସ୍ମରଣ କରିବା ସଙ୍ଗେ ସଙ୍ଗେ ଦେଶାତ୍ମବୋଧର ମହାମନ୍ତ୍ରରେ ନିଜ ମନ ଓ ପ୍ରାଣକୁ ଅଭିମନ୍ତ୍ରିତ କରି ଭବିଷ୍ୟତ ଲାଗି ସ୍ୱରାଜ୍ୟକୁ ସମୃଦ୍ଧ କରିବା ପାଇଁ ଏଥିରେ ଭରି ରହିଛି ଅମୃତ ସନ୍ଦେଶ ।


ସ୍ୱରାଜ ସଂଗ୍ରାମରେ ହଜାର ହଜାର ସଂଗ୍ରାମୀ ଶହୀଦ ହୋଇଛନ୍ତି । ଏମିତି ଜଣେ ଶହୀଦ ହେଉଛନ୍ତି ଲକ୍ଷ୍ମଣ ନାଏକ, ଯିଏ ଫାଶୀ ଖୁଣ୍ଟରେ ଝୁଲିବା ପୂର୍ବରୁ କହିଥିଲେ, "ସୂର୍ଯ୍ୟ-ଚନ୍ଦ୍ର ସତ ହୋଇଥିଲେ ସ୍ୱରାଜ ଆସିବ, ତେବେ ମୋର ଅବସୋସ ମୁଁ ତାହା ଦେଖିବାକୁ ନଥିବି ।" ଲକ୍ଷ୍ମଣ ନାୟକଙ୍କ ଭଳି ବହୁ ସଂଗ୍ରାମୀ ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ବଳିଦାନ ଦେଇଛନ୍ତି । ସେମାନେ ସ୍ୱରାଜ୍ୟ ଦେଖିପାରିଲେ ନାହିଁ । ଉତ୍ତରାଧିକାର ସୂତ୍ରରେ ଆମେ ଯେଉଁ ସ୍ୱରାଜ ପାଇଛୁ ତାହାକୁ ସଫଳ କରିବା ପାଇଁ ସ୍ୱରାଜ ସଂଗ୍ରାମର ଘୋଷିତ ପ୍ରତିଶ୍ରୁତି ବିଶେଷକରି ଗ୍ରାମ ସ୍ୱରାଜ ପ୍ରତିପାଳନ ଆମ ସମସ୍ତଙ୍କ ଦାୟିତ୍ୱ । ଏଥିଲାଗି ରାଷ୍ଟ୍ର ନିକଟରୁ ମୌଳିକ ଅଧିକାର ଦାବି କରିବା ସହ ଆମକୁ ଆମ କର୍ତ୍ତବ୍ୟ ସଂପର୍କରେ ଅଧିକ ସଚେତନ ରହିବାକୁ ପଡ଼ିବ । ଏ ପରିପ୍ରେକ୍ଷୀରେ ଆମ ସମାଜ ଓ ରାଷ୍ଟ୍ରକୁ ସମୃଦ୍ଧ କରିବା ପାଇଁ ଯେଉଁମାନେ ବାଟ ଦେଖାଇ ଯାଇଛନ୍ତି, ସେ ସମସ୍ତଙ୍କୁ ଜାତି, ଧର୍ମ, ଦଳମତ ନିର୍ବିଶେଷରେ ସ୍ମରଣ କରିବା ସହ ସେମାନଙ୍କ ଆଶୀର୍ବାଦ ଲୋଡ଼ି ଆମକୁ ବିଷ ବଳୟରୁ ଆମ କଷ୍ଟଲବ୍ଧ ସ୍ୱାଧୀନତାକୁ ସୁରକ୍ଷିତ ରଖିବା ପାଇଁ ପିତୃପକ୍ଷ ତର୍ପଣ ଏକ ବିରଳ ସୁଯୋଗ ।



ଆମେ କ'ଣ ସତରେ ଆମ ପୂର୍ବ ପୁରୁଷମାନଙ୍କ ପ୍ରକୃତ ଦାୟାଦ? ମା' ରମାଦେବୀ କହିଯାଇଛନ୍ତି ଯେ "ଯେଉଁମାନେ ସେମାନଙ୍କ ଗୁଣ ଓ କାମର ଉତ୍ତରାଧିକାରୀ ହୋଇପାରିବେ ସେହିମାନେ ହିଁ ପ୍ରକୃତ ଦାୟାଦ ।" ଏ ପ୍ରସଂଗରେ କବିଶେଖର ଚିନ୍ତାମଣି ମହାନ୍ତି ଆଉ ପାଦେ ଆଗେଇ ଲେଖିଯାଇଛନ୍ତି, "ମହାତୀର୍ଥ ମହାସ୍ୱର୍ଗ ଉତ୍କଳ ପ୍ରଦେଶ / ବିହରନ୍ତି ସଦା ଯହିଁ ହଳୀ ହୃଷିକେଶ / ଜନ୍ମିଲେ ଯା ଅଙ୍କେ ତୁମ୍ଭ ବାପେ ଗୋସବାପେ / କିଏ ତୁମ୍ଭେ ଚିହ୍ନିଛ କି ଆପଣାକୁ ଆପେ?/ ଯେ ଦେଶର ଯଶୋଗୀତି ଭାଷା ଅତିକ୍ରମେ / ଜଗତ ଯା ପାଦ ମୂଳେ ନମେ ସସନ୍ତ୍ରମେ / ଜନ୍ମିଲ ସେ ଦେଶେ ତୁମ୍ଭେ ତା'ର କେଉଁ ପାପେ / କିଏ ତୁମ୍ଭେ ଚିହ୍ନିଛ କି ଆପଣାକୁ ଆପେ?"



ଉତ୍କଳ ଗୌରବ ମଧୁସୂଦନ ତାଙ୍କ କାଳଜୟୀ ଉଦ୍‌ବୋଧନୀ କବିତା 'ଉତ୍କଳ ସନ୍ତାନ'ରେ ଆମକୁ କହିଯାଇଛନ୍ତି, "ତୁ ପରା ବୋଲାଉ ଉତ୍କଳ ସନ୍ତାନ ତେବେ କିମ୍ପା ତୁହି ଭୀରୁ / ତୋହର ଜନନୀ ରୋଦନ କରିଲେ କହିବାକୁ କିମ୍ପା ଡରୁ?/ ତୋ ପୂର୍ବ ପୁରୁଷେ ବୀର ପଣିଆରେ ଲଭିଥିଲେ କେତେ ଖ୍ୟାତି/ ହାକିମ ନିକଟେ ଦୁଃଖ କହିବାକୁ କିମ୍ପା ଥରେ ତୋର ଛାତି?/ ତୋ ପୂର୍ବ ପୁରୁଷେ ଜୟ କରିଥିଲେ ଗଙ୍ଗାଠାରୁ ଗୋଦାବରୀ / ତାଙ୍କରି ଔରସେ ଜନ୍ମ ହୋଇ ତୁହି କେଉଁ ଗୁଣେ ତାଙ୍କୁ ସରି...ତୁ ମନେ ଭାବିଛୁ ତୋଷାମଦ କରି ବଢ଼ାଇବୁ ଜାତି ମାନ / ତୋଷାମଦିଆର କୁକୁର ପ୍ରକୃତି ଅଇଁଠା ପତରେ ଧ୍ୟାନ ।"



ଏ ପରିପ୍ରେକ୍ଷୀରେ ପିତୃପୁରୁଷଙ୍କ ସହ ଅନ୍ୟମାନଙ୍କ ଲାଗି ତର୍ପଣ କରିବା ପାଇଁ ଆମେ ପ୍ରକୃତରେ ଯୋଗ୍ୟ କି ନୁହଁ, ସେ ସଂକ୍ରାନ୍ତରେ ଆତ୍ମ ନିରୀକ୍ଷଣ କରିବା ସହିତ ନିଜକୁ ନିଜେ ଠିକଣା ଭାବେ ଚିହ୍ନିବା ଆବଶ୍ୟକ । କେବଳ ପିତୃପକ୍ଷର ୧୫ ଦିନ ନୁହେଁ, ସବୁଦିନ ସବୁ ମୁହୂର୍ତ୍ତରେ ଆମେ ଶ୍ରଦ୍ଧା ଓ ଭକ୍ତିର ସହ ଆମର ପୂର୍ବଜମାନଙ୍କୁ ଠିକଣା ଭାବେ ସ୍ମରଣ କରି ସେମାନଙ୍କ ଅବିସ୍ମରଣୀୟ କଥା ଓ କାମକୁ ଆଗେଇ ନେବା ଲାଗି ପିତୃପକ୍ଷ ଆହ୍ୱାନ ଦେଉଛି । ଆନ୍ତରିକତାର ସହ ଏହା କରିପାରିଲେ ବ୍ୟକ୍ତି, ରାଜ୍ୟ, ଦେଶ ଓ ବିଶ୍ୱ ଉପରେ ଯେତେସବୁ ସମସ୍ୟାର କଳାବାଦଲ ଛାଇ ହୋଇଯାଇଛି ତାହାକୁ ଆମେ ସହଜରେ ଦୂରେଇ ଦେଇପାରିବା । ■



E-mail: prahalladsinha@gmail.com
ମୋ: ୯୪୩୭୦୨୭୩୯୫

# ପିତୃପକ୍ଷ କ'ଣ କରିବା ଉଚିତ ଓ ଅନୁଚିତ



ବର୍ଷକ ବାରମାସ । ତନ୍ମଧ୍ୟରୁ ଆଶ୍ୱିନ ମାସ କୃଷ୍ଣ ପକ୍ଷକୁ ପିତୃପକ୍ଷ କୁହାଯାଏ । ବିଶ୍ୱାସ ରହିଛି, ଏହି ପନ୍ଦର ଦିନ ତିଳ ତର୍ପଣ, ବୈଶ୍ୱଦେବ ଓ ଶ୍ରାଦ୍ଧ ଆଦି କଲେ ପିତୃ ପୁରୁଷମାନେ ଆନନ୍ଦିତ ହୋଇ ଆମକୁ ଆଶୀର୍ବାଦ କରିଥାନ୍ତି । ଏହି ପକ୍ଷରେ ପିତୃପୁରୁଷମାନଙ୍କ ଆଗମନ ହୋଇଥାଏ । କାର୍ତ୍ତିକ କୃଷ୍ଣ ଅମାବାସ୍ୟା ଦିନ ନିଜ ସ୍ଥାନକୁ ଫେରିଯାଆନ୍ତି । ପିତୃମାନଙ୍କ ଉଦ୍ଦେଶ୍ୟରେ କର୍ମ କରାଯିବା କାରଣରୁ ଏହାର ନାମ ପିତୃପକ୍ଷ ଅଟେ ।



ବୈଷ୍ଣବ ଚରଣ ଦାଶ



## ତର୍ପଣ କ'ଣ

ତୃପ୍ୟତେ ଅନେନ ଇତି ତର୍ପଣ । ଶୁଦ୍ଧପୂତ ଭାବେ ସ୍ନାନ ପରେ ଦିବ୍ୟ ପୁରୁଷ, ଦେବତା, ଋଷି, ପିତୃମାତୃଙ୍କ ଉଦ୍ଦେଶ୍ୟରେ ବୈଦିକ ମନ୍ତ୍ର ଉଚ୍ଚାରଣ କରି ତିଳ ତଣ୍ଡୁଳ ମିଶ୍ରିତ ଯେଉଁ ଜଳଦାନ କରାଯାଏ, ତାକୁ ତର୍ପଣ କହନ୍ତି । ଏଥିପାଇଁ ନୂଆଁ କୁଶର ଆବଶ୍ୟକ ପଡ଼ିଥାଏ । ଏଣୁ ଭାଦ୍ର ଅମାବାସ୍ୟାରେ କୁଶ ସଂଗ୍ରହ କରାଯାଇ ତାକୁ ଶୁଖାଇ ପ୍ରସ୍ତୁତ କରି ରଖାଯାଏ ।

ପିତୃପକ୍ଷରେ ଶରତ ଋତୁ ହେଉଥିବାରୁ ଜଳାଶୟଗୁଡ଼ିକର ଜଳ ସ୍ୱଚ୍ଛ ହୋଇଥାଏ । ତେଣୁ ତର୍ପଣ ପାଇଁ ନଦୀ କିମ୍ବା ପୋଖରୀ ହେଉଛି ପ୍ରକୃଷ୍ଟ ସ୍ଥାନ । ପୁଣି ସୂର୍ଯ୍ୟୋଦୟ ସମୟରେ ହିଁ ତର୍ପଣ କରିବା ବିଧେୟ । ଦେବଗଣ ସବ୍ୟରେ ଚାଉଳ ପକାଇ, ସନକାଦି ଋଷି ଗଣଙ୍କୁ କଣ୍ଠ ଲମ୍ବିତ କରି ଚାଉଳ ପକାଇ, ପିତୃମାନଙ୍କୁ ଅପସବ୍ୟରେ ତିଳ ମିଶ୍ରିତ ଜଳରେ ତର୍ପଣ କରାଯାଏ ।

"ସବ୍ୟେନ ଚୋପବୀତେନ ଦେବାନାଂ ତର୍ପଣମ୍ ସ୍ମୃତଃ
ନିବୀତେନ ମନୁଷ୍ୟାଣାମ୍ ପିତୃଣାମ୍ ଅପସବ୍ୟତଃ ।"

ତର୍ପଣ ସରିବା ପରେ ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ସହ ନମସ୍କାର କରି କର୍ତ୍ତା ଗୃହକୁ ପ୍ରତ୍ୟାଗମନ କରନ୍ତି ।

## ବୈଶ୍ୱଦେବ

ସମସ୍ତ ସଚରାଚର ବ୍ରହ୍ମାଣ୍ଡକୁ ଅନ୍ନ ଦାନ କରିବାର ବିଧିକୁ ବୈଶ୍ୱଦେବ କୁହାଯାଏ । ଏହାକୁ ବଳି ବୈଶ୍ୱଦେବ ଯଜ୍ଞ ମଧ୍ୟ କୁହାଯାଏ । ଆମେ ଦୈନନ୍ଦିନ ଜୀବନରେ କରୁଥିବା ପଞ୍ଚ ପାପର ପ୍ରାୟଶ୍ଚିତ କରିବା ପାଇଁ ଏହି ବୈଶ୍ୱଦେବ ବିଧି ରହିଛି । ଶୁଦ୍ଧ ଭାବେ ପ୍ରସ୍ତୁତ ଅନ୍ନରେ ଏହା କରାଯାଏ । ବୈଶ୍ୱଦେବ ଗୃହସ୍ଥର ଅବଶ୍ୟ କର୍ତ୍ତବ୍ୟ । ଏଥିରେ ଜଗତକୁ ବ୍ରହ୍ମ ସ୍ୱରୂପ ବୁଝିବା ଓ ଅନ୍ନଦାନ କରିବା କଥା ସ୍ପଷ୍ଟ ଭାବରେ ରହିଛି । ଅନ୍ନ ବ୍ୟଞ୍ଜନାଦି ଅଭାବରେ ଘୃତ ଯୁକ୍ତ ତଣ୍ଡୁଳ ବା ପକ୍ୱ ଫଳରେ କରାଯାଇ ପାରିବ । ବୈଶ୍ୱଦେବ କେବଳ ପଣସ ପତ୍ରରେ କରାଯାଏ ।

ଶ୍ରାଦ୍ଧର ସାତଗୋଟି ଦ୍ରବ୍ୟର ଆବଶ୍ୟକ ହୋଇଥାଏ । କ୍ଷୀର, ତୁଳସୀ, ମହୁ, ତମ୍ବାପାତ୍ର, କୁଶ, ରାଶି, ଚାଉଳ । ତର୍ପଣ ବା ଶ୍ରାଦ୍ଧରେ ତିଳର ଆବଶ୍ୟକତା ନିଶ୍ଚିତ ଭାବେ ରହିଛି । ବିନା ତିଳରେ ତର୍ପଣ କରାଯାଇ ପାରିବ ନାହିଁ । କୁହାଯାଏ -

"ତିଳ ଦର୍ଭ ସମାଯୁକ୍ତମ୍ ସ୍ୱଧୟା ଯତ୍ ପ୍ରଦୀୟତେ
ତତ୍ସର୍ବମ ଅମୃତଂ ଭୂତ୍ୱା ପିତୃଣା ମୁପତିଷ୍ଠତେ ।"

## ଶ୍ରାଦ୍ଧର ସମୟ ନିରୂପଣ

ଆମ ଧର୍ମଶାସ୍ତ୍ରରେ କୁହାଯାଇଛି - ଜ୍ୟୋତିଷ ଶାସ୍ତ୍ର ଅନୁସାରେ କୁତପ କାଳରେ ହିଁ ଶ୍ରାଦ୍ଧ କରାଯିବା ଉଚିତ । ସାଧାରଣ ଭାବେ କୁତପ କାଳ ଅପରାହ୍ନକୁ ବୁଝାଏ । ତେଣୁ ପଞ୍ଜିକାରେ ଯେଉଁ ତିଥି ଅପରାହ୍ନ କାଳକୁ ଭୋଗ ହେଉଥାଏ, ସେହିଦିନ ହିଁ ଉକ୍ତ ତିଥିର ଶ୍ରାଦ୍ଧ କରିବାକୁ ଲେଖାଯାଇଥାଏ । ଅନ୍ୟ ଏକ ଉକ୍ତିରେ

"ଆଭ୍ୟୁଦୟିକେ ପୂର୍ବାହ୍ନେ ମଧ୍ୟାହ୍ନେ ଏକୋଦିଷ୍ଟକମ୍
ପାର୍ବଣ ଅପରାହ୍ନେ ଚ ଶ୍ରାଦ୍ଧ କାଳ ପ୍ରକିର୍ତ୍ତିତା ।

ପ୍ରତ୍ୟେକ ଶୁଭକର୍ମରେ କରାଯାଉଥିବା ଶ୍ରାଦ୍ଧକୁ ଆଭ୍ୟୁଦୟିକ କୁହାଯାଏ । ଏହା ପୂର୍ବାହ୍ନରେ ହୁଏ । ସେହିପରି କିଛି ବ୍ୟକ୍ତିଙ୍କ ଘରେ ଏକୋଦିଷ୍ଟ ଶ୍ରାଦ୍ଧ କରିବାର ବିଧି ରହିଛି । ତାହା ମଧ୍ୟାହ୍ନରେ କରାଯାଏ । ପାର୍ବଣ ଶ୍ରାଦ୍ଧ ଅପରାହ୍ନରେ ହୁଏ । ତେଣୁ ଅପରପକ୍ଷରେ ଅପରାହ୍ନ କାଳ ହିଁ ଶ୍ରାଦ୍ଧ ପାଇଁ ପ୍ରଶସ୍ତ ଅଟେ ।

## ପିତୃପକ୍ଷର ନିୟମ

ପିତୃପକ୍ଷରେ ଶ୍ରାଦ୍ଧ କର୍ତ୍ତାଙ୍କ ପାଇଁ କେତେକ ନିୟମ ରହିଛି । ପିତୃପକ୍ଷ ଆରମ୍ଭ ପୂର୍ବରୁ ଘରଦ୍ୱାର ଲିପା ପୋଛା କରି ଶୁଦ୍ଧ ପବିତ୍ର କରାଯାଏ । ଧୋବା ସେବକ ଲୁଗାପଟା ସଫା କରି ଆଣି ଦେଇଯାଏ । ଆଶ୍ୱିନ କୃଷ୍ଣ ପ୍ରତିପଦାଠାରୁ ଅମାବାସ୍ୟା ମଧ୍ୟରେ କୌଣସି ବ୍ୟକ୍ତି ଖିଅର ହୁଅନ୍ତି ନାହିଁ କି ନଖ କାଟିବା, ଲୁଗା ସଫା କରିବା ନିଷେଧ । ନିଜ ଗୃହରେ ରନ୍ଧା ଯାଇଥିବା ଖାଦ୍ୟ ଗ୍ରହଣ କରିବେ । ଅନ୍ୟ କୌଣସି ସ୍ଥାନରେ ରନ୍ଧା ଖାଦ୍ୟ ଖାଇବେ ନାହିଁ । ହବିଷ୍ୟ ଗ୍ରହଣ କରିବେ । ଉଆ ପରିବା (ସାରୁ, କଞ୍ଚା କଦଳୀ, ଗୁଆର, କନ୍ଦମୂଳ, ମଞ୍ଜା, ଆଦି) ଭକ୍ଷଣ କରିବେ । ପିତୃପକ୍ଷରେ ଆମିଷ ଭକ୍ଷଣ ନିଷିଦ୍ଧ । ନିଜର ପିତୃ ଯେଉଁ ତିଥିରେ ମୃତ୍ୟୁ ବରଣ କରିଥିବେ, ପିତୃପକ୍ଷର ସେହି ତିଥିରେ ହିଁ ଶ୍ରାଦ୍ଧ କରିବା ସର୍ବୋତ୍ତମ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । "ଯା ତିଥି ଯସ୍ୟ ମାସସ୍ୟ ମୃତାହେ ତୁ ପ୍ରବର୍ତ୍ତତେ, ସା ତିଥି ପ୍ରେତ ପକ୍ଷସ୍ୟ ପୂଜନୀୟା ପ୍ରଯତ୍ନତଃ ।" ଶ୍ରାଦ୍ଧ ଦିବସରେ ପିଣ୍ଡଦାନ ନ ହେବା ପର୍ଯ୍ୟନ୍ତ କର୍ତ୍ତା ଓ କର୍ତ୍ତୀ ଯେଉଁ ଲୁଗା ପିନ୍ଧି ସ୍ନାନ କରିଥିବେ, ତାହା ଶୁଖାଇବେ ନାହିଁ । ତର୍ପଣ ଆଦି କରିବା ସମୟରେ କଚ୍ଛା ମାରି ପିନ୍ଧିବେ । ଶୁକ୍ଳ ବସ୍ତ୍ର ପରିଧାନ କରିବେ । ଅପଶବ୍ଦ କହିବେ ନାହିଁ । ପିଣ୍ଡ ଗଠନ ସମୟରେ ପୁରୁଷ ସୂକ୍ତ ଓ କୁଶୁଷ୍ମି ପାଜ ସୂକ୍ତ ପଠନ କରିବେ । ଏହି ପକ୍ଷରେ ଶ୍ରାଦ୍ଧ ତର୍ପଣାଦି କାର୍ଯ୍ୟ ପାଇଁ କୁଶ ବଟୁ ପିନ୍ଧିବେ । ତେବେ ତମ୍ବା କିମ୍ବା ସୁନା ମୁଦି ପିନ୍ଧି ମଧ୍ୟ କରାଯାଇ ପାରେ । ଶ୍ରାଦ୍ଧ ଦିନ ତେଲ ଲଗାଇବା ଅନୁଚିତ । "ବ୍ରତୋପବାସେ ଶ୍ରାଦ୍ଧେ ଚ ନ ତୈଳଂ ସେବତେ ନରଃ ।" ପିଣ୍ଡଦାନ ପୂର୍ବରୁ ତାମ୍ବୁଳ ଭକ୍ଷଣ ଉଚିତ୍ ନୁହେଁ ।

ବର୍ତ୍ତମାନ ଅପରପକ୍ଷ କେବଳ ପାଳନ କରାଯାଉଛି ସତ, ମାତ୍ର କେତେକ ନିୟମରେ ବ୍ୟତିକ୍ରମ ଘଟିଛି । ମାତାପିତା ଆମ ଜୀବନ୍ତ ଈଶ୍ୱର । ସେମାନଙ୍କ ଜୀବଦ୍ଦଶାରେ ଆମେ ଏଇ ଭାବନା ରଖିଲେ ଆମ ପାଇଁ ଈଶ୍ୱରୀୟ ଆଶୀର୍ବାଦ ରହିବ । ଏହା ପରପିଢ଼ି ପାଇଁ ଅନୁସରଣୀୟ ହୋଇପାରିବ । ଆମ ସଂସ୍କୃତି ରକ୍ଷା ପାଇଁ କୌଣସି ପରିସ୍ଥିତିରେ ବି ଶ୍ରାଦ୍ଧ ବା ଅପରପକ୍ଷ ବର୍ଜନୀୟ ନୁହେଁ । ■



ବୀରଧନଞ୍ଜୟ ପୁର, ଶାସନ ,
ବୁଗୁଡ଼ା, ଗଞ୍ଜାମ
ମୋ: ୯୭୭୬୫୩୪୯୩୦



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର

## ଅନାସ୍ଥାରୁ ହାତ ହିନସ୍ତା



ମାଷ୍ଟରକ୍ୟାଣ୍ଟିନ ମଠ ମହନ୍ତ ଭକ୍ତଚରଣଙ୍କ ପରି କପାଳିଆ ନେତା ଆଜିକାଲି ହାତ ଦଳରେ ପ୍ରାୟ ଦୁର୍ଲଭ। ଦେଶରେ ଧୂଆଁଳିଆ ରାଜନୈତିକ ପାଣିପାଗ ସାଙ୍ଗକୁ ହାତ ପାର୍ଟି ନେତା ରାହୁଲଙ୍କ ସକ୍ରିୟତାର ପ୍ରଭାବ ଅଳ୍ପ ବହୁତେ ଓଡ଼ିଶାରେ ପଡ଼ିଥିବା ଅନେକ ଅନୁଭବ କରୁଛନ୍ତି। ଏହାକୁ ନେଇ ହାତ ଦଳର ସାନବଡ଼ ନେତାମାନେ ଏବେ ଭାରି ଉତ୍ସାହିତ । ଅନୁକୂଳ ସମୟ ଦେଖି ପ୍ରତ୍ୟକ୍ଷ ରାଜନୀତିରୁ ଢେର ବର୍ଷ ଦୂରରେ ଥିବା ଓ ବାରମ୍ବାର ପରାଜୟରେ ବୀତସ୍ପୃହ ବୟସ୍କ ନେତାମାନେ ବି ମଣ୍ଡଦିଆ ଧୋବ ପଞ୍ଜାବୀ ପିନ୍ଧି ପଦାକୁ ବାହାରିଲେଣି। ଅନ୍ୟ ରାଜନୈତିକ ଦଳରେ ସ୍ଥାନାଭାବ ଯୋଗୁଁ କୋଣଠେସା ହୋଇ ରହିଥିବା ଗାଁ ଗାଁରେ ସାନ ନେତାମାନେ ରାହୁଲଙ୍କ ଭୋଟ୍ ସ୍ତୋତ୍ର ଗାନ ଆରମ୍ଭ କରି ଓଡ଼ିଶା ବନ୍ଦ ଓ ଅନ୍ୟାନ୍ୟ ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅଣ୍ଟା ଭିଡ଼ିଲେଣି । ଏପରି ଅନୁକୂଳ ସମୟରେ ଅତି ଉତ୍ସାହିତ ହୋଇ କିଛି ନେତା ନେଉଥିବା ପଦକ୍ଷେପ ଦଳର ଗାରିମାକୁ କ୍ଷୁର୍ଣ୍ଣ କରିଛି ବୋଲି ରାଜନୈତିକ ବିଶାରଦମାନେ କହୁଛନ୍ତି। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ହାତ ପାର୍ଟିର ସ୍ଥିତି ଅତ୍ୟନ୍ତ ଗୌଣ; ଏହା ସତ୍ତ୍ୱେ ସରକାରଙ୍କ ବିରୋଧରେ ଅନାସ୍ଥା ଆଣି ଦଳ ସହଜ ସ୍ଥିତିରେ ଥିଲା। ବାଚସ୍ପତି ଅନାସ୍ଥାକୁ ଅଗ୍ରାହ୍ୟ କରିବା ଦ୍ୱାରା ଏହି ଗୋଟି ଚାଳନାରେ ହାତ ପାର୍ଟି ସଫଳ ହୋଇଥିବା ବି କୁହାଗଲା । ଲୋକେ ଶାସକ ଦଳକୁ ସମାଲୋଚନା କଲେ। ମାତ୍ର ଦିନକ ପରେ ପୁଣି ସରକାରଙ୍କ ବିରୋଧରେ ଅନାସ୍ଥା ଆଣିବା ନିଷ୍ପତ୍ତି ହାତ ପାର୍ଟି ନେତାଙ୍କ ରାଜନୈତିକ ଅପରିପକ୍ୱତାକୁ ପ୍ରମାଣିତ କରିଦେଲା। ଅନାସ୍ଥା ବ୍ୟବସ୍ଥାର ସାଧାରଣ ନିୟମକୁ ବୁଝି ନ ପାରିବାର ଅକ୍ଷମତା ଦଳର ନେତାଙ୍କୁ ଲୋକଙ୍କ ଆଗରେ ହିନସ୍ତା କରିଦେଲା। ■

## ରାସ୍ତା ମଝିରେ ନଡ଼ିଆ ଗଛ!



ଆମ ରାଜ୍ୟର ବଣଜଙ୍ଗଲ ଗଛବୃଛ, ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ଶ୍ରମ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖିଆ ହେଉଛନ୍ତି ଭଞ୍ଜ ମାଟିର ବୀର ସନ୍ତାନ ବାବୁ ଗଣେଶ ରାମ ସିଂହ ଖୁଣ୍ଟିଆ। ସାଧାରଣ ଲୋକଙ୍କ ନିକଟରେ ଗଣେଶ ରାମ ଜଣେ ଅତ୍ୟନ୍ତ ଭଦ୍ରଲୋକ ଭାବରେ ପରିଚିତ । ତାଙ୍କ ବିରୋଧରେ ଦଳରେ କିଛି ଅଭିଯୋଗ ନାହିଁ, ତାଙ୍କୁ ବିଧାନସଭା ପଠାଇଥିବା ଯଶୀପୁରର ଲୋକଙ୍କର ବି ଗଣେଶଙ୍କ ଉପରେ ଧାରଣା ବହୁତ ଭଲ । ମାତ୍ର ଗଣେଶଙ୍କ ପରି ସିଂହକୁ ତାଙ୍କ ବିଭାଗର ଅଧିକାରୀମାନେ କୁଆଡ଼େ ଏବେ ବଳି ଛାଗଳ କରି ଦେଇଥିବା ଲୋକସେବା ଭବନରେ ଚର୍ଚ୍ଚା ହେଉଛି । କେଇଦିନ ତଳେ ରାଜ୍ୟରେ ଗୋଟେ ଗଛ ଲଗା କାର୍ଯ୍ୟକ୍ରମ ହୋଇଥିଲା । ସରକାରଙ୍କ ଡ଼ାକରାରେ ଲୋକମାନେ ଏତେ ଉଦ୍‌ବୁଦ୍ଧ ହେଲେ ଯେ ସକାଳୁ ସଞ୍ଜ ଭିତରେ ସାରା ରାଜ୍ୟରେ ଦେଢ଼ କୋଟି ଗଛ ଲଗାଇ ପକାଇଲେ ବୋଲି ସୂଚନା ଦିଆଗଲା। ଏହି ଖବର ଶୁଣିବା ପରେ ଆମକୁ ଲାଗିଲା ଯେ ବର୍ଷେ ଦୁଇବର୍ଷ ଭିତରେ ଓଡ଼ିଶା ଜଙ୍ଗଲ ସୃଷ୍ଟିରେ ସାରା ଦେଶରେ ପ୍ରଥମ ହୋଇଯିବ । ମାତ୍ର ପୁରୀ ଜିଲ୍ଲାର ତାଳବଣିଆ ଇଣ୍ଡୋର ଷ୍ଟାଡ଼ିଅମ ପଡ଼ିଆ ଭିତରେ ଯାଇଥିବା ରାସ୍ତା ମଝିରେ ଜଣେ ମନ୍ତ୍ରୀଙ୍କ ଚାରୋଟି ନଡ଼ିଆ ଗଛ ରୋପଣ ଦେଖିବା ପରେ ରାଜ୍ୟବାସୀ ଗଣେଶଙ୍କ ଜଙ୍ଗଲ ବିଭାଗ ଓ ବୃକ୍ଷରୋପଣ କରିଥିବା ଆଇନମନ୍ତ୍ରୀ ବାବୁ ହରିଚନ୍ଦନଙ୍କ ଚଉଦ ପୁରୁଷ ଉଖାଳୁଛନ୍ତି। ଯଦି ରାଜ୍ୟସାରା ଏହିପରି ଗଛ ଲଗାଯାଇଥିବ ତେବେ ଆସନ୍ତା ସନକୁ ଦେଢ଼ କୋଟି ଗଛରୁ ଦେଢ଼ ହଜାର ବଞ୍ଚିଥିବ ତ ବୋଲି ପ୍ରଶ୍ନ କରୁଛନ୍ତି । ଏ କଥା ଗଣେଶବାବୁଙ୍କ କାନରେ ପଡ଼ିଲାଣି କି ନାହିଁ କେଜାଣି ? ■

## ଖଣ୍ଡା ଧାରହୀନ, ଜିଭ ଧାରୁଆ



ପଦ୍ମ ଦଳିଆ ସମ୍ବଲପୁର ନେତା ଜୟ ନାରାୟଣ ଜଣେ ଭିନ୍ନ ଧାତୁର ମଣିଷ। ଧାରହୀନ ଯାତ୍ରା ଖଣ୍ଡା ବୁଲାଇବାରେ ତାଙ୍କ ପରି ଧୂରନ୍ଧର ଖାଲି ପଦ୍ମ ଦଳ କାହିଁକି, ରାଜ୍ୟର ଅନ୍ୟ ରାଜନୈତିକ ଦଳରେ କେହି ଥିବା ପରି ଲାଗୁନାହିଁ। କ୍ଷତ୍ରିୟକୁଳରେ ଜାତ ସିଂହଦେଓ କନକ ଓ ଖୋର୍ଦ୍ଧାବୀର ପୃଥ୍ୱୀରାଜ କି ପ୍ରଶାନ୍ତ ବି ଜୟଙ୍କ ସମକକ୍ଷ ତରବାରୀ ବୁଲାଇଥିବା ଦୃଶ୍ୟ ଆମେ କେବେ ଦେଖିନାହୁଁ । ଯଦିଓ ଏହି ସମର କୌଶଳ ପ୍ରଦର୍ଶନ ପାଇଁ ଥାନା ହାଜତକୁ ଯାଇଥିଲେ ବି ଜୟ କେବେ ପଛକୁ ହଟି ନାହାନ୍ତି। ସେ ନିଜକୁ ସ୍ପଷ୍ଟବାଦୀ ଓ ବିନା ଦ୍ୱିଧାରେ ସତ କହନ୍ତି ବୋଲି ନିଜକୁ ନିଜେ ସାର୍ଟିଫିକେଟ ଦେଉଥିବା ଅନେକ ଦେଖିଛନ୍ତି । ମାତ୍ର ଆଜିକାଲି କୁଆଡ଼େ ଜୟନାରାୟଣଙ୍କ ମୁଣ୍ଡ କୁଆଡ଼େ ଠିକ୍ କାମ କରୁନାହିଁ ବୋଲି ରାମମନ୍ଦିର ଆଖଡ଼ାରେ ଆଲୋଚନା ଚାଲିଛି । ବର୍ଷକ ତଳେ ସେ ନିଜକୁ ତଡ଼ାଖିଆ ନେତା ବୋଲି ଅଭିହିତ କରିଥିଲେ; କିଛି ମାସ ତଳେ ପୁଣି ଦଳରେ ଚାଲିଥିବା ଗୋଡ଼ଟଣା ରାଜନୀତିକୁ ସମାଲୋଚନା କରିବାକୁ ଯାଇ ନିଜକୁ ଛୋଟ ଲୋକ ବୋଲି ପରିଚୟ ଦେଇଥିଲେ। ମନ୍ତ୍ରୀ ହେବା ଆଶାରେ ସେ ଏପରି ମତ ମନ୍ତବ୍ୟ ଦେଉଥିବା କହି ଦଳର ନେତାମାନେ ଏହାକୁ ହାଲୁକା କରି ଦେଇଥିଲେ। ମାତ୍ର ଏବେ ଗଣମାଧ୍ୟମ ସହ କଥାବାର୍ତ୍ତା ସମୟରେ 'କଂଗ୍ରେସ- ବିଜେପି ଭାଇଭାଇ, ସାରା ଦେଶକୁ ଗଲେ ଖାଇ' ବୋଲି ଟିପ୍ପଣୀ କୁଆଡ଼େ ଜୟନାରାୟଣଙ୍କ ପାଇଁ ମହଙ୍ଗା ପଡ଼ିବ ବୋଲି ଅନେକ କହିଲେଣି । ତାଙ୍କ ଦଳର କିଛି ନେତା ଜୟଙ୍କ ଏହି ଧାରୁଆ ଭିଡ଼ିଓ ଦିଲ୍ଲୀ ପଠାଇ ଦେଇଥିବା ବି ଶୁଣିବାକୁ ମିଳୁଛି । ■

## ମଳିନ ପଡ଼ିଲାଣି ସୂର୍ଯ୍ୟ ତେଜ



ଏକ ସମୟରେ ପଦ୍ମଦଳର ଯୁବ କର୍ମୀଙ୍କ ହୃଦୟ ସମ୍ରାଟ ବୋଲାଉଥିବା ବିଷ୍ଣୁତନୟ ବାବୁ ସୂର୍ଯ୍ୟବଂଶୀ ଏବେ ଅଡୁଆରେ । ଚୁଚୁନ୍ଦ୍ରାକୁ ମୂଷା ଭାବି ନାଗ କାମୁଡ଼ିବା ପରେ ଯେପରି କାଢ଼ି ପାରେ ନାହିଁ କି ଢ଼ୋକି ପାରେ ନାହିଁ, ଏବେ ସୂର୍ଯ୍ୟବଂଶୀ କୁଆଡ଼େ ଠିକ୍ ସେମିତି ଅବସ୍ଥାରେ ପଡ଼ିଛନ୍ତି । ଏପଟେ ସୂର୍ଯବଂଶୀଙ୍କୁ ଏକଦା ପୁତ୍ରସମ ଭାବୁଥିବା ଦଳର କିଛି ବଡ଼ ନେତାଙ୍କ ସ୍ନେହ ଆଜିକାଲି କୁଆଡ଼େ ଟିକେ ଫିକା ପଡ଼ିଛି, ସେପଟେ ବିଦ୍ୟାର୍ଥୀ ପରିଷଦର ଛାତ୍ର ନେତାମାନେ ବି ତାଙ୍କୁ ବିଶ୍ୱାସ କରି ପାରୁନାହାନ୍ତି । ଗଲାସନ ଛାତ୍ର ସଂସଦ ନିର୍ବାଚନ କରିବାକୁ ଘୋଷଣା କରି ପଛଘୁଞ୍ଚା ଦେଇଥିଲେ ବି ନୂଆ ସରକାର ଯୋଗୁ ଛାତ୍ରମାନେ ସେତେ କଥାକୁ ଧରି ନ ଥିଲେ। ମାତ୍ର ଏ ସନ ଛାତ୍ରସଂସଦ ନିର୍ବାଚନ କରିବାକୁ ଦେଇଥିବା ପ୍ରତିଶ୍ରୁତିରୁ ଓହରିଯିବା ବାବୁ ସୂର୍ଯ୍ୟବଂଶୀଙ୍କ ପାଇଁ ଅଡୁଆ ପାଲଟିଛି । ଶଙ୍ଖ ଦଳିଆ ଓ ହାତ ଦଳିଆ ଛାତ୍ରନେତାଙ୍କ ସହ ବିଦ୍ୟାର୍ଥୀ ପରିଷଦ ଛାତ୍ରମାନେ ସ୍ୱର ମିଳାଇ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ଦାବି ପରେ ସୂର୍ଯ୍ୟବଂଶୀଙ୍କ ସହ ସରକାର ବି ଅକଳରେ ପଡ଼ି ଯାଇଛନ୍ତି । ପରାଜୟ ଭୟ ଯୋଗୁଁ ଛାତ୍ରସଂସଦ ନିର୍ବାଚନରୁ ସରକାର ଓହରି ଯାଇଥିବା ଦୁଇ ବିରୋଧୀ ଅଭିଯୋଗ କରିଛନ୍ତି । ବାଲେଶ୍ୱର ସୌମ୍ୟାଶ୍ରୀ ମୃତ୍ୟୁ ଘଟଣା ପରଠାରୁ ମଳିନ ପଡ଼ିଥିବା ସୂର୍ଯ୍ୟଙ୍କ ତେଜକୁ ବିରୋଧୀଙ୍କ ଏହି ଅଭିଯୋଗ ଆହୁରି ଫିକା କରି ଦେଇଛି । ଏହି ସମୟରେ ଭିଜିଲାନ୍ସ ମାମଲା ଥିବା ଅଧିକାରୀମାନଙ୍କୁ ଅବସର ପରେ ପୁନଃ ନିଯୁକ୍ତି ଦିଆ ଯିବ ନାହିଁ ବୋଲି ଖୋଦ ସରକାର କରିଥିବା ନିୟମକୁ ସୂର୍ଯ୍ୟବଂଶୀଙ୍କ ଉଚ୍ଚଶିକ୍ଷା ବିଭାଗ ଭାଙ୍ଗିଥିବା ଅଭିଯୋଗ ପରେ ଇରାଶିଷ କୁଆଡ଼େ ତାଙ୍କ ସ୍ଥାନ ନେବାକୁ ପ୍ରସ୍ତୁତି ଆରମ୍ଭ କରିଥିବା ଶୁଣିବାକୁ ମିଳୁଛି। ଏ କଥା ସତ କି ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।